A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 30
Thursday, 03 April 2025, Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର,୦୩ ଅପ୍ରେଲ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ପୁନମ ଗୁପ୍ତା ଆରବିଆଇର ଡେପୁଟି ଗଭର୍ଣ୍ଣର ନିଯୁକ୍ତ

ମୁମ୍ବାଇ,୦୨/୦୪(ନ୍ୟୁ.ଏ):ଡ.ପୁନମ ଗୁପ୍ତାଙ୍କୁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡେପୁଟି ଗଭର୍ଣ୍ଣର ନିଯୁକ୍ତ କରିଛନ୍ତି । ଡ. ଗୁପ୍ତା ଦେଶର ପ୍ରତିଷ୍ଠିତ ଗବେଷଣା ସଂସ୍ଥା ନ୍ୟାସନାଲ କାଉନସିଲ ଅଫ ଆପ୍ଲାଏଡ ଇକୋନମିକ ରିସର୍ଚ୍ଚ (ଏନସିଏଇଆର)ର ମହାନିର୍ଦ୍ଦେଶକ ଅଛନ୍ତି । ଆରବିଆଇ ଡେପୁଟି ଗଭର୍ଣ୍ଣର ରୂପେ ଡ.ଗୁପ୍ତାଙ୍କ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବେ । ମାଇକେଲ ଦେବବ୍ରତ ପାତ୍ର ଗତ ଜାନୁୟାରୀରେ ପଦ ଛାଡିବା ପରେ ଡ. ଗୁପ୍ତାଙ୍କୁ ଡେପୁଟି ଗଭର୍ଣ୍ଣର ଭାବେ ଏହି ପଦବୀ ଦିଆଯାଇଛି । ସୂତ୍ର ଅନୁସାରେ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି (ଏସିସି) ଆରବିଆଇ ଡେପୁଟି ଗଭର୍ଣ୍ଣର ଭାବେ ଡ. ଗୁପ୍ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି । ଡ.ଗୁପ୍ତା କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୩ ବର୍ଷ ନିମନ୍ତେ ତାଙ୍କ ନିଯୁକ୍ତିକୁ ଏସିସି ମଞ୍ଜୁର କରିଛନ୍ତି । ଡ. ଗୁପ୍ତା ଏବେ ଏନସିଏଆଇଆରର ମହାନିର୍ଦ୍ଦେଶକ ଅଛନ୍ତି । ସେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ମଧ୍ୟ ସଦସ୍ୟା ଅଛନ୍ତି, ଏହା ଛଡା ସେ ୧୬ତମ ଆର୍ଥିକ ଆୟୋଗ ପରାମର୍ଶଦାତା ପରିଷଦର ସଂଯୋଜିକା ମଧ୍ୟ ଅଛନ୍ତି । ଡ.ପୁନମଗୁପ୍ତା କିଏ ୱାସିଂଟନରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମଏଫ) ଓ ବିଶ୍ୱବ୍ୟାଙ୍କର ବରିଷ୍ଠ ପଦପଦବୀରେ ପାଖାପାଖି ଦୁଇ ଦଶନ୍ଧି ଧରି କାମ କରିବା ପରେ ୨୦୨୧ରେ ଏନସିଏଆଇଆରରେ ଯୋଗ ଦେଇଥିଲେ । ଡ. ଗୁପ୍ତା ଦିଲ୍ଲୀ ସ୍କୁଲ ଅଫ ଇକୋନମିକ୍ସ, ୟୁନିଭର୍ସିଟି ଅଫ ମେରିଲ୍ୟାଣ୍ଡ (ଆମେରିକା)ରେ ଅଧ୍ୟାପନା କରୁଥିଲେ । ଏହା ଛଡା ଭାରତୀୟ ପରିସଂଖ୍ୟାନ ସଂସ୍ଥାନ (ଆଇଏସଆଇ)ଦିଲ୍ଲୀରେ ଭିଜିଟିଂ ଫାକଲ୍ଟି ରୂପେ ମଧ୍ୟ କାମ କରିଛନ୍ତି । ଏହା ଛଡା ସେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି (ଏନଆଇପିଏଫପି)ରେ ଆରବିଆଇ ଚେୟାର ପ୍ରଫେସର ଓ ଆଇସିଆରଆଇଆଇରେ ମଧ୍ୟ ପ୍ରଫେସର ଥିଲେ । ଡ. ଗୁପ୍ତା ଆମେରିକାର ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରି ସହିତ ପିଏଚଡି ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିଲ୍ଲୀ ସ୍କୁଲ ଅଫ ଇକୋନମିକ୍ସ ଅର୍ଥଶାସ୍ତ୍ରରେ ମାଷ୍ଟରଡିଗ୍ରି ହାସଲ କରିଛନ୍ତି । ସେ ଅନ୍ତର୍ଜାତୀୟ ଅର୍ଥଶାସ୍ତ୍ରରେ ପିଏଚଡି ଲାଗି ୧୯୯୮ରେ ଏକଜିମ ବ୍ୟାଙ୍କ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି ।

ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ

- ୮ଶହ ୬୪ କୋଟି ୪୫ଲକ୍ଷ ଟଙ୍କା ଖଣିଜ ରାଜସ୍ୱର ବାଟମାରଣା
- ଆଦାୟ ହୋଇ ପାରିନି ୩ ହଜାର ୯ଶହ ୬୬କୋଟି ୩୪ଲକ୍ଷ ଟଙ୍କା

ଭୁବନେଶ୍ୱର,୦୨/୦୪(ଆ.ପ୍ର): ବିଧାନସଭାରେ ଉପସ୍ଥାପିତ ହୋଇଛି ସିଏଜି ରିପୋର୍ଟ । ପରିବେଶ ମଞ୍ଜୁରୀ ବିନା ଲୁହା ଓ ମାଙ୍ଗାନିଜ ଖନନ କରିବା ଅପରାଧରେ ଦଣ୍ଡ ସ୍ୱରୂପ ଖଣି ଲିଜଧାରୀଙ୍କ ଠାରୁ ଆଦାୟ ହୋଇ ପାରିନି ୩ ହଜାର ୯ଶହ ୬୬କୋଟି ୩୪ଲକ୍ଷ ଟଙ୍କା । ଉଲଂଘନକାରୀ ଖଣି ଲିଜଧାରୀଙ୍କ ଠାରୁ ସରକାର କ୍ଷତିପୂରଣ ଆଦାୟ କରି ନଥିବା ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି । ସବୁଠୁ ବଡ଼ କଥା ସାତ ବର୍ଷର ସମୟ ସୀମା ଅତିକ୍ରାନ୍ତ ହେବା ପରେ ବି ଖଣି କମ୍ପାନି ଜରିମାନା ବାବଦ ରାଶି ଓଡ଼ିଶା ସରକାରଙ୍କୁ ପୈଠ କରି ନାହାନ୍ତି । ସିଏଜି ନିଜ ରିପୋର୍ଟରେ କହିଛି ଯେ, ସୁପ୍ରିମକୋର୍ଟ ୨୦୧୭ ଡିସେମ୍ବର ୩୧ ତାରିଖ ସୁଦ୍ଧା ଜରିମାନା ରାଶି ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ, ମୋଟ୍ ଆଦାୟ ଜରିମାନା ରାଶିରୁ ୫୦ ପ୍ରତିଶତ ଅର୍ଥ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ କଲ୍ୟାଣ ଓ ପାରିପାର୍ଶ୍ୱିକ ଅଂଚଳର ବିକାଶ କାର୍ଯ୍ୟରେ ବିନିଯୋଗ କରାଯାଉ । ଯଦ୍ୱାରା ଖଣି ଅଂଚଳର ବିକାଶ ହୋଇ ପାରିବ । ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଏକ କମିଟିର ପରାମର୍ଶକ୍ରମେ ୨୦୧୪ ଡିସେମ୍ବରରେ ଆଦିବାସୀ କଲ୍ୟାଣ ବିକାଶ ପାଇଁ ଏକ ଏସପିଭି ଗଠନ କରିଥିଲେ । ଏହାର ନାଁ ଓଡ଼ିଶା ମିନେରାଲ ବିୟରିଂ ଡେଭଲପମେଣ୍ଟ କର୍ପୋରେସନ ରଖାଯାଇଥିଲା । କିନ୍ତୁ ଏହାର ଆଶାନୁରୂପ କ୍ରିୟାନ୍ୱୟନ ହୋଇ ପାରିଲା ନାହିଁ । ସେହିପରି ସିଏଜି ରିପୋର୍ଟ ଅନୁଯାୟୀ, ଲଘୁ ଖଣିଜ ପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ, ରାଜ୍ୟର ଅଣ-ଟିକସ ରାଜସ୍ୱ ଏକ ମୁଖ୍ୟ ଉତ୍ସ । ଆର୍ଥିକ ବର୍ଷ ୨୦୧୫ରୁ ୨୦୨୨ ମଧ୍ୟରେ, ଲଘୁ ଖଣିଜରୁ ମୋଟ ରାଜସ୍ୱ ୨ହଜାର ୯ଶହ ୬୮କୋଟି ୭୫ଲକ୍ଷ ଟଙ୍କା ଥିଲା । ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ୫୨୦ ଲଘୁ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ, ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇନଥିଲା । ଲଘୁ ଖଣିଜ କ୍ରୟ ଟ୍ରାଞ୍ଜିଟ୍ ପାସ୍ ନଦେବା ପରିପ୍ରେକ୍ଷୀରେ ୮ଶହ ୬୪ କୋଟି ୪୫ଲକ୍ଷ ଟଙ୍କା ଖଣିଜ ରାଜସ୍ୱର ବାଟମାରଣା ହୋଇଥିଲା ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି । ଏଥି ସହ "ଲଘୁ ଖଣିଜ ଚୋରି ରୋକିବା ଏବଂ ଉଚ୍ଛେଦ କାର୍ଯ୍ୟକଳାପ" ପ୍ରଭାବହୀନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି ।

ରାଜ୍ୟରେ ୪ ଯାଏଁ ବର୍ଷା !

ଭୁବନେଶ୍ୱର,୦୨/୦୪(ଆ.ପ୍ର):ରାଜ୍ୟରେ ଆହୁରି ୩ ଦିନ ବର୍ଷା ସମ୍ଭାବନା । ଆଗାମୀ ୩ ଦିନରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୧ ରୁ ୨ ଡିଗ୍ରୀ ତାପମାତ୍ରା କମିବା ସହ ରାଜ୍ୟରେ ଆଗାମୀ ୪ ତାରିଖ ଯାଏ ବର୍ଷା ସମ୍ଭାବନା ଦେଇଛି ପାଣିପାଗ ବିଭାଗ । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଆଜି ସନ୍ଧ୍ୟାରେ ବର୍ଷା । ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ସମ୍ଭାବନା । ବିଜୁଳି ଘଡ ଘଡି ସହ ବର୍ଷା ହେବ । ଆସନ୍ତା ୨୪ ଘଣ୍ଟାରେ ହାଲୁକା ଓ କାହିଁ ମଧ୍ୟମ ଧରଣର ବର୍ଷା ପାଇଁ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଜିଲ୍ଲା ଗୁଡ଼ିକ ହେଲା ନୂଆପଡ଼ା, ସୋନପୁର ,ବୌଦ୍ଧ, ଅନୁଗୁଳ, ସମ୍ବଲପୁର , ଦେଓଗଡ, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର ଓ ବଲାଙ୍ଗୀର । ଏହି ସମୟରେ ୩୦ ରୁ ୪୦ ଡିଗ୍ରୀ ପବନ ବହିବାର ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲି ମାଲକାନଗିରି,କୋରାପୁଟ,ନବରଙ୍ଗପୁର,ନୂଆପଡା, କଳାହାଣ୍ଡି, କନ୍ଧମାଳ, ରାୟଗଡା, ବଲାଙ୍ଗୀର ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝରଗଡ ଓ ମୟୂରଭଞ୍ଜ ଏହି ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେହିପରି ୪ ତାରିଖରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ୪୦ ରୁ ୫୦ କିମି ପବନ ବହିବ । ଉପକୂଳ ଓଡ଼ିଶାରେ ବିଶେଷ କରି ବର୍ଷାର ପ୍ରଭାବ ରହିବ । ମାଲକାନଗିରି, କୋରାପୁଟ, ରାୟଗଡା, ଗଂଜାମ ,ଗଜପତି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ , ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ନୟାଗଡ, ଖୋର୍ଦ୍ଧା ଓ ପୁରୀ ଏହି ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଦିନ ତାପମାତ୍ରା ବିଶେଷ ପରିବର୍ତ୍ତନ ହେବାର ନ ଥିବା ବେଳେ ୪୦ ଡିଗ୍ରୀ ସହ ଗୋଟେ ଦୁଇଟି ସ୍ଥାନରେ ୪୦ ଡିଗ୍ରୀ ଅତିକ୍ରମ କରିପାରେ ତାପମାତ୍ରା ବୋଲି ବିଭାଗ ପୂର୍ବାନୁମାନ କରିଛି । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଆଜି ସନ୍ଧ୍ୟାରେ ବର୍ଷା ହେବାର ସମ୍ଭାବନା ରହିଛି । ଉତ୍ତର ଓଡ଼ିଶାରେ ବିଜୁଳି ଘଡ ଘଡି ସହ ବର୍ଷା ହେବ । ପବନର ବେଗ ଘଣ୍ଟା ପ୍ରତି କିଲୋମିଟର ୬୦ ରୁ ୬୫ ରହିବ । ଦକ୍ଷିଣ ପଶ୍ଚିମରୁ ଆସୁଥିବା ପବନର ବେଗ କମ୍ ରହିଛି । କିନ୍ତୁ ଉପକୂଳକୁ ସମୁଦ୍ର ମଧ୍ୟରୁ ପବନର ବେଗ ଅଧିକ ରହୁଛି । ପ୍ରଭାବରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହୁଛି । ବିଶେଷ କରି ଆଭ୍ୟନ୍ତରୀଣ ଉପକୂଳରେ ବର୍ଷା ଅଧିକ ହେବ । ଏଥିସହ କୁଆପଥର ବର୍ଷା ମଧ୍ୟ ହୋଇପାରେ ।

ୱାକଫ୍ ସଂଶୋଧନ ବିଲ୍ ଆଗତ

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ୱାକଫ ସଂଶୋଧନ ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଛି । ଏହି ବିଲ୍ ଆଗତ ହେବା ମାତ୍ରେ କଂଗ୍ରେସ ପକ୍ଷରୁ ଲୋକସଭାରେ ବିରୋଧ ପ୍ରଦର୍ଶନ କରାଯାଇଛି । କଂଗ୍ରେସ ଅଭିଯୋଗ କରିଛି ଯେ, ସେମାନେ ଏପ୍ରିଲ ପହିଲା (ସୋମବାର) ଅପରାହ୍ନରେ ଏହି ବିଲ୍ ଗ୍ରହଣ କରିଛନ୍ତି, ଯେଉଁଥିପାଇଁ ସେମାନେ ସଂଶୋଧନ ଦାଖଲ କରିବାକୁ ସମୟ ପାଇନାହାଁନ୍ତି । ଲୋକସଭାରେ କଂଗ୍ରେସ ସାଂସଦ କେ.ସି ଭେନୁଗୋପାଳ କହିଛନ୍ତି, 'ଆପଣ ଏହି ପ୍ରକାର ବିଲ୍ ଯାହାକୁ ଆପଣ ଗୃହରେ ଆଣୁଛନ୍ତି, ଅନ୍ତତ ପକ୍ଷେ ସଦସ୍ୟମାନଙ୍କର ସଂଶୋଧନ କରିବାର ଅଧିକାର ରହିବା ଉଚିତ୍ । ଆପଣ ଆଇନକୁ ବାଧ୍ୟତାମୂଳକ କରୁଛନ୍ତି । ଆପଣ ସଂଶୋଧନ ପାଇଁ ସମୟ ଦେବା ଉଚିତ୍ । ସଂଶୋଧନ ପାଇଁ ଅନେକ ବ୍ୟବସ୍ଥା ଅଛି ।' କଂଗ୍ରେସର ଏହି ଅଭିଯୋଗରେ ଗୃହମନ୍ତ୍ରୀ ଅମିତ୍ ଶାହ ତୁରନ୍ତ ଜବାବ ଦେଇଛନ୍ତି । ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ ବୈଠକରେ ଜେପିସି ଦ୍ୱାରା ପ୍ରସ୍ତାବିତ ପରିବର୍ତ୍ତନକୁ ଅନୁମୋଦନ କରାଯାଇଛି । ପୂର୍ବରୁ ଏଭଳି କମିଟି କେବଳ ଆନୁଷ୍ଠାନିକ ଅନୁମୋଦନ ପାଇଁ କାମ କରୁଥିଲେ, କିନ୍ତୁ ବର୍ତ୍ତମାନ ନୁହେଁ । ଜେପିସି ପରାମର୍ଶରେ ପରିବର୍ତ୍ତନଗୁଡ଼ିକ ଗ୍ରହଣ କରାଯାଇଥିଲା । ବିଲରେ ଆବଶ୍ୟକୀୟ ସଂଶୋଧନ କରାଯାଇଥିଲା ଏବଂ ପରେ ଏହା ଉପସ୍ଥାପନ ହେଲା । ଗତ ବର୍ଷ ଅଗଷ୍ଟ ମାସରେ କେନ୍ଦ୍ର ସରକାର ଏହି ବିଲ୍ ଲୋକସଭା ସମ୍ମୁଖରେ ରଖିଥିଲେ । ତେବେ ପରେ ଏହାକୁ ସର୍ବସମ୍ମତି କ୍ରମେ ମିଳିତ ସଂସଦ କମିଟି (ଜେପିସି) କୁ ପଠାଯାଇଥିଲା । ଜେପିସି ପ୍ରାୟ ୬ମାସ ପର୍ଯ୍ୟନ୍ତ ବିଲରେ ସଂଶୋଧନ ପାଇଁ ପ୍ରସ୍ତାବଗୁଡ଼ିକୁ ବିଚାର କଲା ଏବଂ ଜାନୁଆରୀ ୨୭ ରେ ଏହାକୁ ପୁନର୍ବାର ସଂସଦରେ ଉପସ୍ଥାପନ କରିବାକୁ ଅନୁମୋଦନ କଲା । ଅନ୍ୟ ପଟେ ୱାକଫ ସଂଶୋଧନ ବିଲ୍‌କୁ ବିରୋଧ କରିଛି କଂଗ୍ରେସ । କଳା କୁର୍ତ୍ତା ପିନ୍ଧି ବିରୋଧ କରିଛି କଂଗ୍ରେସ । ସାଂସଦ ଇମରାନ୍ ପ୍ରତାପଗ୍ରୀହୀ ସଂସଦ ମକର ଦ୍ୱାର ନିକଟରେ ହାତରେ ରିଜେକ୍ଟ ୱାକଫ୍ ବିଲ୍ ଲେଖାଥିବା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଲେ ଦଳ ବିଲ୍ ବିରୋଧରେ ଭୋଟ୍ ଦେବ । ଏମିତି କି ନ ସୁରଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ବିଲକୁ ଦୁର୍ଭାଗ୍ୟଜନକ କହିଛନ୍ତି । ଏହାକୁ ମୁଁ ହିନ୍ଦୁ ମୁସଲିମ ବିରୋଧରେ ଦେଖୁନାହିଁ । ରାଜନୀତି ପାଇଁ ତରବରିଆ ଭାବେ ଏହି ଆଇନ୍ ଆଣିଛନ୍ତି ଭାଜପା ସରକାର । ୱାକଫ ବିଲ୍‌କୁ ବିରୋଧ ନେଇ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି, ''ଏହି ବିଲ୍ ସମ୍ବିଧାନିକ । ମୁସଲମାନଙ୍କ ହିତରେ ବିଲ୍ ପ୍ରସ୍ତୁତ ହୋଇଛି । ଗରିବଙ୍କ ହିତ୍ ବିଲର ଉଦ୍ଦେଶ୍ୟ । ଯେଉଁମାନେ ବିଲ୍‌କୁ ବିରୋଧ କରୁଛନ୍ତି ସେମାନେ ମୁସଲିମ ବିରୋଧୀ ବୋଲି ।''

ପନିପରିବା ଏବଂ ଡାଲି ଜାତୀୟ ଚାଷରେ ବଳକା ରାଜ୍ୟ ହେବାକୁ ଯାଉଛି ଓଡ଼ିଶା : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୦୨/୦୪(ଆ.ପ୍ର):ହରିଆଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲି ଜାତୀୟ ଚାଷରେ ବଳକା ରାଜ୍ୟ ହେବାକୁ ଯାଉଛି । ଗୃହରେ ଏଭଳି ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବିଧାନସଭା ପ୍ରଶ୍ନୋତ୍ତର କାଳରେ ବିଜେପି ବିଧାୟକ ସନାତନ ବିଜୁଳିଙ୍କ ପ୍ରଶ୍ନରେ ମନ୍ତ୍ରୀ ଉତ୍ତର ରଖିଛନ୍ତି । କୃଷି ମନ୍ତ୍ରୀଙ୍କ ପାଇଁ ଗୃହରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷ ଜମି ଗୁଡିକ ପଡିଆ ରହୁଛି । ପାଣି ବ୍ୟବସ୍ଥା ଥିବା ଜମି ଗୁଡିକରେ ଡାଲି ଜାତୀୟ ଫସଲ କରାଯାଉଛି । ଜଳ ସମ୍ପଦ ବିଭାଗ ସହିତ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । କୋଲ୍ଡ ଷ୍ଟୋରେଜ ପଲିସି ନୂଆ ରାସ୍ତା ଦେଖାଇବ । ହରିଆଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲି ଜାତୀୟ ଚାଷରେ ବଳକା ରାଜ୍ୟ ହେବାକୁ ଯାଉଛି । ତେବେ ପଞ୍ଜାବ ହରିଆଣାରେ ୫ ଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି, ଡାଲି ଜାତୀୟ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ ବୋଲି ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ବିଜେପି ବିଧାୟକ ସନାତନ ବିଜୁଳି । ସେହିପରି, ଇଣ୍ଡିଜେନିଅସ୍ ପ୍ରଣାଳୀ କାର୍ଯ୍ୟକାରୀ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ଗୃହରେ ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ସବୁ ବ୍ୟବସ୍ଥିତ ହେବା ଯାଏଁ ଅପେକ୍ଷା କରିବାକୁ ପଡିବ । ଇଣ୍ଡିଜେନିଅସ୍ ପ୍ରଣାଳୀ କାର୍ଯ୍ୟକାରୀ ହେବ । ତେବେ ବାହାରୁ ବିହନ ଆସୁଛି, ହେଲେ ଏହା ଓଡ଼ିଶାର ଜଳବାୟୁ ପାଇଁ ଠିକ୍ ନୁହେଁ । ଯେଉଁଥି ପାଇଁ ମୁଗ ଜାତୀୟ ଚାଷ ନଷ୍ଟ ହେଉଛି । ଏହାକୁ ନେଇ ଆପତ୍ତି ଉଠାଇଲେ ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ । ଏହାଦ୍ୱାରା କେବଳ ସରକାର କା ମାଲ୍ ଦରିୟା ମେଁ ଡ଼ାଲ୍ ହେଉଛି ।

ସରକାର ମାନିଲେ ଯୁଦ୍ଧବିରତି ଘୋଷଣା କରିବୁ : ଲାଲବାହିନୀ

ମାଲକାନଗିରି,୦୨/୦୪(ଆ.ପ୍ର):ଆସନ୍ତା ୫ ତାରିଖ ଦିନ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଛତିଶଗଡ ଦନ୍ତେୱାଡା ଜିଲ୍ଲା ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହା ପୂର୍ବରୁ ଭୟଭୀତ ହୋଇ ପଡିଛି ଲାଲ୍ ବାହିନୀ । ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ମାଓବାଦୀ ସଂଗଠନ । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବସ୍ତର ଗସ୍ତ ପୂର୍ବରୁ ମାଓବାଦୀମାନେ ଶାନ୍ତି ଆଲୋଚନାକୁ ସମର୍ଥନ କରିବା ପାଇଁ ଅପିଲ୍ କରିଛନ୍ତି । ଏ ନେଇ ସିପିଆଇ(ମାଓବାଦୀ) କେନ୍ଦ୍ରୀୟ କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି । ପୂର୍ବରୁ ମଧ୍ୟ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି । ଏପରିକି ସଶସ୍ତ୍ର ବାହିନୀର ନୂଆ ଶିବିର ସ୍ଥାପନ ବନ୍ଦ ପାଇଁ ଲାଲ ବାହିନୀ ସର୍ତ୍ତ ରଖିଛନ୍ତି । ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ମଧ୍ୟ ଦାବି ଜଣାଉଛନ୍ତି । ସରକାର ମାନିଲେ ମାଓବାଦୀ ଯୁଦ୍ଧବିରତି ଘୋଷଣା କରିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ମାଓବାଦୀ । ସୂଚନାଯୋଗ୍ୟ, ଛତିଶଗଡକୁ ମାଓ ମୁକ୍ତ କରିବା ଲାଗି ୨୦୨୬ ମାର୍ଚ୍ଚ ୩୧ ତାରିଖ ଧାର୍ଯ୍ୟ ହୋଇଛି । ଏହି ଆଧାରରେ ସୁକୁମା,ବିଜାପୁର ଓ ଦନ୍ତେୱାଡା ଜିଲ୍ଲାରେ ଆରମ୍ଭ ହୋଇଛି ଜୋରଦାର ମାଓ ବିରୋଧୀ ଅପରେସନ । ଆଉ ଏହାରି ଭିତରେ ଆସନ୍ତା ୫ ତାରିଖ ଦିନ ମାଓ ମୁକାବିଲା ନେଇ ସମୀକ୍ଷା କରିବେ କେନ୍ଦ୍ର ଗୃହ ମନ୍ତ୍ରୀ । ମାଓ ବିରୋଧୀ ଅପରେସନ ଶେଷ ପର୍ଯ୍ୟାୟରେ ଚାଲିଥିବା ବେଳେ ଭୟଭୀତ ମାଓ ସଂଗଠନ କେବେ କେନ୍ଦ୍ରୀୟ କମିଟି ଉପରେ ଦୋଷ ଲଦି ଦେଇ ଏକ ପ୍ରେସ ରିଲିଜ ଜାରି କରିଛି । ଏଥିରେ ଉଲ୍ଲେଖ ରହିଛି ଯେ ଆମେ ଆଉ ମରିବାକୁ ଚାହୁଁ ନାହୁଁ । ସରକାର ସହ କଥାବାର୍ତ୍ତା କରିବାକୁ ଚାହୁଁ । ତେବେ ପୂର୍ବରୁ ବାରମ୍ବାର ମାଓବାଦୀଙ୍କୁ ଏହି ବାର୍ତ୍ତା ଦିଆ ଯାଇଥିବା ବେଳେ ସେମାନେ ଏହାକୁ ଗ୍ରହଣ କରିନଥିଲା ।

ଫସଲରେ ଅଧିକ ରାସାୟନିକ ସାରର ପ୍ରୟୋଗ; କ୍ୟାନସର କାରଣ

ଭୁବନେଶ୍ୱର,୦୨/୦୪(ଆ.ପ୍ର):ଫସଲରେ ଅଧିକ କୀଟନାଶକ ଓ ରାସାୟନିକ ସାରର ପ୍ରୟୋଗ ଡାକୁଛି କ୍ୟାନସର ବ୍ୟାଧି । ବିଶେଷ କରି ବଲାଙ୍ଗିର ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଏହି କାରଣରୁ ବଢ଼ିଚାଲିଛି କର୍କଟ ରୋଗୀଙ୍କ ସଂଖ୍ୟା । ତେଣୁ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଜୈବିକ ଚାଷକୁ ପ୍ରୋତ୍ସାହିତ କରିବାକୁ ବଳଭଦ୍ର ଜୈବିକ ମିଶନ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଥିବା ବିଧାନସଭାରେ ସୂଚନା ଦେଇଛନ୍ତି ମନ୍ତ୍ରୀ । ଫସଲରେ ହେଉଛି ଅତ୍ୟଧିକ କୀଟନାଶକ ବ୍ୟବହାର । ଅଧିକ ଉତ୍ପାଦନ ଆଶାରେ ରସାୟନିକ ସାର ପ୍ରୟୋଗ କରୁଛି ଚାଷୀ । ଆଉ ଏଥିଯୋଗୁଁ ରାଜ୍ୟରେ ହୁ ହୁ ବଢ଼ୁଛି କ୍ୟାନସର ଭଳି ମାରାତ୍ମକ ରୋଗ । ଦିନକୁ ଦିନ ଚାଷରେ ଅଧିକ ମାତ୍ରାରେ କୀଟନାଶକ ବ୍ୟବହାରକୁ ନେଇ ବିଧାନସଭାରେ ଉଦବେଗ । ରାଜ୍ୟର ଚାଷୀମାନେ ପାରମ୍ପରିକ ଜୈବିକ ଚାଷରୁ ମୁହଁ ଫେରାଇ ଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି ବିଧାୟକମାନେ । ସେପଟେ ରାଜ୍ୟରେ ଚାଷୀଙ୍କୁ ସଚେତନ କରିବା ସହ ଜୈବିକ ଚାଷ କରିବାକୁ ପ୍ରୋତ୍ସାହିତ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ । ବିଧାନସଭାରେ ମନ୍ତ୍ରୀ ଦେଇଥିବା ଉତ୍ତର ଅନୁସାରେ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାରର ବ୍ୟବହାର କାରଣରୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି । ବିଶେଷ କରି ବରଗଡ ଜିଲ୍ଲା ପାଲଟିଛି କର୍କଟ ରୋଗୀଙ୍କ ହବ୍ । ଜିଲ୍ଲାରେ ପ୍ରତିବର୍ଷ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଚାଲିଛି । ଏକ ତଥ୍ୟ ଅନୁସାରେ, ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଦୁଇ ବର୍ଷରେ ପଶ୍ଚିମ ଓଡ଼ିଶାରେ ହାରାହାରି ୨୨ ହଜାର ନୂଆ କ୍ୟାନସର ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ପ୍ରାୟ ୬ ହଜାର ରୋଗୀ କେବଳ ବରଗଡ଼ ଜିଲ୍ଲାର ବୋଲି ଜଣାପଡିଛି । ସେପଟେ ଜୈବିକ ଚାଷ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରିବା ଲାଗି ଅଧିକ ଗବେଷଣାର ଆବଶ୍ୟକ ଥିବା ମତ ପ୍ରକାଶ ପାଇଛି ।

ରାସନରେ ଚାଉଳ ସହ ମିଳିବ ଗହମ; ମନ୍ତ୍ରୀ

ଭୁବନେଶ୍ୱର,୦୨/୦୪(ଆ.ପ୍ର):ଚାଉଳ ସହ ଦିଆଯିବ ଗହମ । ଗୃହରେ ଏଭଳି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି, ସରକାର କହିଥିଲେ ରାସନରେ ଚାଉଳ ସହ ଗହମ ଦେବେ । ଏବେ ବି ଏହା ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଗତ ସରକାର ସମୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି କହିଥିଲେ ଯେ, ଓଡ଼ିଶା ଚାଉଳ ଖିଆ ରାଜ୍ୟ । ତେଣୁ ଗହମ ବଦଳରେ ଚାଉଳ ଦିଆଯାଉ । ବର୍ତ୍ତମାନର ସରକାର ଗହମ ଦେବାକୁ କେନ୍ଦ୍ରକୁ ଯେଉଁ ଚିଠି ଲେଖିଥିଲେ, ତାକୁ ମଞ୍ଜୁରୀ ମିଳିଛି । ହେଲେ ପରିବହନ ସୁବିଧା ଓ ଗୋଦାମ ଘର ନଥିବାରୁ, ତାହା ଏଯାଏଁ ଆସିପାରିନି । ଅନ୍ୟପକ୍ଷରେ ଚଳିତ ବର୍ଷ ଅଧିକ ଧାନ ଉତ୍ପାଦନ ହୋଇଛି । ଏଫସିଆଇକୁ ସରକାରଙ୍କ ଅନୁରୋଧ ପରେ ଅଧିକ ୨୦ ଲକ୍ଷ ମେଟ୍ରିକ୍ ଟନ୍ ନେବାକୁ ଏଫସିଆଇ ରାଜି ହୋଇଛି । କେନ୍ଦ୍ର ସମୁଦାୟ ୪୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କିଣିବ ହେଲେ ସେଥିରେ ବି ୧୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରାଜ୍ୟ ପାଖରେ ବଳକା ରହିବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି ଯେ, ୧୦ ଲକ୍ଷ ମେଟ୍ରିକ୍ ଟନ୍ ଗୋଦାମ ଘର ତିଆରି କରିବାକୁ । ଯାହାଦ୍ୱାରା ଚାଉଳ ସଂରକ୍ଷଣ ହୋଇପାରିବ, ଗୃହକୁ ଅବଗତ କଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ଭରତପୁରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୦୨/୦୪(ଆ.ପ୍ର):ଭରତପୁରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେଡି ଆଣିଥିବା ମୁଲତବୀ ପ୍ରସ୍ତାବ ଉପରେ ଉତ୍ତର ରଖିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଗୃହରେ ଉତ୍ତର ରଖିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ । ଘର ମାଲିକାନା ବିବାଦକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିଲା । ଏହି ଘଟଣାରେ ୧୬୧/୨୫ରେ ମାମଲା ରୁଜୁ କରାଯାଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପୋଲିସ ଗାଡିକୁ ଆକ୍ରମଣ ଘଟଣାରେ ୧୬୨/୨୫ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ରାଜ୍ୟରେ ମୋଟାମୋଟି ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ଅଛି । ଆଗୁଆ ସୂଚନା ପାଇ ଆଇନଶୃଙ୍ଖଳା ସ୍ଥିତିକୁ ପ୍ରତିହତ କରାଯାଇ ପାରିଛି । ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅପରାଧର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯାଉଛି । ଆଲୋଚନାରେ ଭାଗ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ । ପ୍ରତାପ ଦେବ କହିଛନ୍ତି ମନ୍ତ୍ରୀଙ୍କ କଥାରେ ଯଦି ସବୁ ଠିକ୍ ଚାଲିଛି ଗଣମାଧ୍ୟମର ପ୍ରକାଶିତ ଖବର କଣ ସମ୍ପୂର୍ଣ୍ଣ ମିଛ ? ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥ୍ୟ ରଖି ସମ୍ପୂର୍ଣ୍ଣ ମିଛ କଥା କହୁଛନ୍ତି । ମିଛ କହିବା ସରକାରଙ୍କ ହିଁ ବାସ୍ତବତା । ସରକାର ଦିଶାହୀନ ଚିନ୍ତାଧାରା ହୀନ । ସରକାରଙ୍କର ମନୋବଳ ଓ ଦୃଢ଼ତାର ଅଭାବ ରହିଛି । ଲାଇନଲେସ୍ ସରକାର ଭଳି ଚାଲିଛି । ସେହି ପୋଲିସ ଥିଲେ ଦୁଇ ବର୍ଷ ତଳେ ଥିଲେ । ସବୁ ଠିକ୍ ଚାଲିଥିଲା । କିନ୍ତୁ ଆଜି ପୋଲିସ ହତାଶ । ଆଜି ସବଇନ୍‌ସପେକ୍ଟର ଠୁ ଆରମ୍ଭ କରି ଡିଜିଙ୍କ ଉପରେ ରାଜନୀତିକ ଚାପ ପଡୁଛି । ପୋଲିସକୁ କ୍ଷମତା ଦିଆଯାଉ ନାହିଁ । ସରକାର ଯେଉଁ ଆଇନ ପ୍ରଣୟନ କରୁଛନ୍ତି ତାହା କାର୍ଯ୍ୟକାରୀ ହେଉନାହିଁ । ପୋଲିସ ଆଇନ ଶୃଙ୍ଖଳା କାମ ଛାଡି ଯଦି ବାଲି ଗାଡ଼ି ପଛରେ ଧାଇଁବ, ଅନ୍ୟ କାମ କରିବ କେମିତି ଆଇନ ଶୃଙ୍ଖଳା ସ୍ଥିତି ଠିକ୍ ରହିବ । ସରକାରଙ୍କ ନୀତି ଉଦ୍ଦେଶ୍ୟ ଠିକ୍ ନୁହେଁ । ବିଧାନସଭା ଭିତରେ ଯେଭଳି ଘଟଣା ହେଲା ସେଥିରୁ ସ୍ୱଷ୍ଟ ଗୁଇନ୍ଦା ସମ୍ପୂର୍ଣ୍ଣ ଫେଲ୍ । ରାଜନୀତିକ ଚାପ ଯୋଗୁଁ ପୋଲିସ ଫେଲ୍ । ନେତା ସୁରକ୍ଷା ଦେଉଛନ୍ତି ବୋଲି ଅପରାଧୀଙ୍କ ମନୋବଳ ବଢୁଛି । ୨୭୦ ଦିନରେ ୩ ହଜାର ମହିଳା ଦୁଷ୍କର୍ମ ମାମଲା । ଅପରାଧୀଙ୍କ କାହିଁକି ପୋଲିସକୁ ଭୟ ରହୁନି ? ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଅଧିକ ଅପରାଧ ବଢୁଛି । ବିଜେପି କର୍ମୀଙ୍କ ଚାପ ଯୋଗୁଁ ପୋଲିସ ସଠିକ୍ ଭାବେ କାମ କରି ପାରୁନି । ଯଦି ରାଜ୍ୟପାଳଙ୍କ ପୁଅ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ରାଜ୍ୟରେ ଆଜି ଏଭଳି ଘଟଣା ଘଟି ନଥାନ୍ତା ।

ଏସ୍ଇଆର୍ ଦ୍ଵାରା ଆୟୋଜିତ ୬୩ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍

କୋଲକାତା, ୦୨/୦୪ (ନ୍ୟୁ.ଏ) : ୬୩ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ୨୮/୦୩/୨୦୨୫ରୁ ୩୦/୦୩/୨୦୨୫ ପର୍ଯ୍ୟନ୍ତ ଗାର୍ଡେନ୍ ରିଚ୍ ଠାରେ ରେଳବାଇ କ୍ରୀଡା ପ୍ରମୋସନ୍ ବୋର୍ଡର ତତ୍ତ୍ବାବଧାନରେ BNR ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଶିକ୍ଷକ ଏବଂ ପରିଚାଳକଙ୍କ ସମେତ ମୋଟ ୬୩ ଜଣ ଅଂଶଗ୍ରହଣକାରୀ ଏବଂ ରେଳବାଇ ବୋର୍ଡର ସଦସ୍ୟଙ୍କ ସମେତ ୪୦ ଜଣ ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ । ଏହି ଚାମ୍ପିଅନସିପରେ ସାତଟି ଜୋନାଲ ରେଲୱେ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ଦିବସରେ (୨୮/୦୩/୨୦୨୫), ଶ୍ରୀମତୀ ମହୁଆ ବର୍ମା, SER/PCPOର ଉପାଧ୍ୟକ୍ଷ, SER ଗାର୍ଡେନ୍ ରିଚ୍ ଠାରେ ସମସ୍ତ ଜୋନାଲ ରେଲୱେ ଦଳକୁ ସ୍ୱାଗତ କରିଥିଲେ । ତାଙ୍କ ଭାଷଣରେ, ସେ ମାନସିକ ଏବଂ ଶାରୀରିକ ଦକ୍ଷତା ବିକାଶ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଅନିଲ କୁମାର ମିଶ୍ର, ମହାପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳବାଇ ଏହି ଅବସରରେ ବକ୍ତବ୍ୟ ରଖି ସମାଜ ପ୍ରତି କ୍ରୀଡାର ଅବଦାନ ଉପରେ ଗୁରୁତ୍ୱାରୋପ

କରିଥିଲେ ଏବଂ ପ୍ରତିଯୋଗିତାକୁ ଖୋଲା ଘୋଷଣା କରିଥିଲେ ଏବଂ ପ୍ରତିଯୋଗୀମାନଙ୍କୁ ଖେଳର ସର୍ବୋତ୍ତମ ଭାବନାରେ ଖେଳ ଖେଳିବାକୁ ଆମନ୍ତ୍ରଣ କରିଥିଲେ । ଏହା ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିନିଧିତ୍ୱ କରୁଥିବା ଜୋନାଲ ରେଳବାଇର ସଦସ୍ୟମାନଙ୍କ ସହିତ ପରିଚୟ କରାଯାଇଥିଲା । ଏହି ପ୍ରତିଯୋଗିତାରେ CLW ଶ୍ରୀମତୀ ପ୍ରଣତି ନାୟକ ବିଚାରକ ମାନଙ୍କ ଉପରେ ଏକ ସୁବର୍ଣ୍ଣ ଛାପ ଛାଡିଥିଲେ । ପୁରୁଷ ବିଭାଗରେ, ଉତର କେନ୍ଦ୍ରୀୟ ରେଳବାଇର ଆଶିଷ କୁମାର, ଉଜ୍ଜ୍ୱଳ ସି ନାଇଡୁ ଏବଂ ଦକ୍ଷିଣ ପୂର୍ବ ରେଳବାଇର ସତ୍ୟଜିତ ମଣ୍ଡଳଙ୍କ ପରି ଅନ୍ତର୍ଜାତୀୟ ଖେଳାଳିମାନେ ଅସାଧାରଣ ଭଲ ପ୍ରଦର୍ଶନ କରିଛନ୍ତି । ଦକ୍ଷିଣ ପୂର୍ବ ରେଳବାଇ ଅସାଧାରଣ ଦୃଢ଼ତା ଏବଂ ସ୍ଥିରତା ପ୍ରଦର୍ଶନ କରି ପୁରୁଷ ବର୍ଗରେ ପ୍ରତିଯୋଗିତାର ଦଳଗତ ଚାମ୍ପିଅନ୍ ହୋଇଥିଲା ଏବଂ ତା'ପରେ ଉତର ରେଳବାଇ ଏବଂ ଉତର କେନ୍ଦ୍ରୀୟ ରେଳବାଇ ସ୍ଥାନ ପାଇଥିଲା । କାର୍ଯ୍ୟକ୍ରମ ୩୦ ମାର୍ଚ୍ଚ, ୨୦୨୫ ରେ ପୁରସ୍କାର ବଂଟନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସମାପ୍ତ ହୋଇଥିଲା । ସମାପନୀ କାର୍ଯ୍ୟକ୍ରମରେ ଶ୍ରୀ ସୌମିତ୍ର ମଜୁମଦାର, ଦକ୍ଷିଣ ପୂର୍ବ ରେଳବାଇର ଏଜିଏମ୍ ଉପସ୍ଥିତ ଦର୍ଶକଙ୍କ ସହ କଥାବାର୍ତ୍ତା କରିବା ସମୟରେ ଦୈନନ୍ଦିନ ଜୀବନରେ କ୍ରୀଡାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ପ୍ରତିଯୋଗିତା ତୀବ୍ର ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ, କିନ୍ତୁ ସୁସ୍ଥ ପରିବେଶ ଏବଂ ପ୍ରକୃତ କ୍ରୀଡାବିତ ମନୋଭାବରେ । ସେ ପ୍ରତିଯୋଗିତାକୁ ସଫଳତାର ସହିତ ସମାପ୍ତ କରିବା ପାଇଁ ସମସ୍ତ ପରିଦର୍ଶନକାରୀ ରେଳବାଇ ସଦସ୍ୟଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ।

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଉତ୍କଳ ଦିବସ ପାଳିତ

ଚିଲିକା/ବାଣପୁର, ୦୨/୦୪ (ଆ.ପ୍ର) : ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦ୍ୱାରା ଓଡ଼ିଶା ଦିବସ ଓ ଓଡ଼ିଆ ପକ୍ଷ ପାଳନର ଶୁଭାରମ୍ଭ କରାଯାଇଛି । ପୂର୍ବାହ୍ନରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସଭ୍ୟ ସଭ୍ୟାମାନେ ସମବେତ ଭାବେ ଓଡ଼ିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହାପରେ ଏକ ସଭାରେ ଅତିଥି ବକ୍ତାଭାବେ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଓ ଡକ୍ଟର ଅକ୍ଷୟ କୁମାର ମିଶ୍ର ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଶ୍ଚାତରେ ଥିବା ଉତ୍କଳ ସମ୍ମିଳନୀ, ବ୍ୟକ୍ତିବିଶେଷ ଓ ବିଭିନ୍ନ ସଂଗଠନର ନିଷ୍ଠାପର ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା କାର୍ଯ୍ୟକ୍ରମରେ ଅଧ୍ୟାପକ ମୀନକେତନ ସୁନ୍ଦରାୟ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ରଶ୍ମି ବେହେରା, ପ୍ରଜ୍ଞାସ୍ମିତା ସାହୁ, ରୁପାଲୀ ପ୍ରଧାନ, ନୀଳକଣ୍ଠ ଦାସ, ହରିହର ତ୍ରିପାଠୀ, ସୁନୀଲ ତ୍ରିପାଠୀ, ଦୀନବନ୍ଧୁ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳିତ

ଚିଲିକା, ୦୨/୦୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଉତ୍କଳ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସୁକାନ୍ତି ପାଢକରାୟ ମୁଖ୍ୟ ଅତିଥି ଭାବେ, ଉପାଧ୍ୟକ୍ଷ ଶ୍ରୀ ଭଗବାନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଓ ମାନ୍ୟବର ମନ୍ତ୍ରୀ ଆଇନ୍ ପୂର୍ତ୍ତ ଓ ଅବକାରୀ ବିଭାଗ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନଙ୍କର ପ୍ରତିନିଧି ଶ୍ରୀମତୀ ସ୍ୱୋପ୍ନା ବଡ଼ଜେନା ଯୋଗଦାନ କରିଥିଲେ । ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ପାରିଷଦ ବର୍ଗ ଯଥା ଶ୍ରୀ ଅଭିମନ୍ୟୁ ସ୍ୱାଇଁ, ଲକ୍ଷ୍ମୀଧର ସେଠୀ, ଶ୍ରୀମତୀ ସୁଜାତା ପଣ୍ଡା, ଶ୍ରୀମତୀ ଅନିତା ସ୍ୱାଇଁ, ମିନତି ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରାଣନାଥ ଶେଠ, ପରିଷଦର ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ପରିଷଦର ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ । ପ୍ରଥମେ ପରିଷଦର ଅଧ୍ୟକ୍ଷା ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ବାଲୁଗାଁର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଗାନ୍ଧୀଛକ ଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ତତ୍ ପରେ ହାଇ ସ୍କୁଲ ପରିସରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ ପାଟଣା ସାହି ସ୍ଥିତ ବାଲୁଗାଁ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଚିଲିକା କୂଳ ବାଳିକା ମଧ୍ୟ ଇଂରାଜୀ ବିଦ୍ୟାଳୟ, ପରିସରରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହରେ ଜନସାଧାରଣଙ୍କ ତୃଷା ନିବାରଣ ନିମନ୍ତେ ଛଅ ଗୋଟି ପାନୀୟ ଜଳ ବିତରଣ କେନ୍ଦ୍ର ଖୋଲା ଯାଇଅଛି । ସେଗୁଡିକ ହେଲା ଆକ୍ସିସ ବ୍ୟାଙ୍କ୍ ନିକଟ, ଚିଲିକା ବୋଟ ଆସୋସିଏସନ୍ ନିକଟ, ଚିଲିକା ମାଛ ମାର୍କେଟ, ସୋମନାଥ ବସ୍ ଷ୍ଟାଣ୍ଡ ନିକଟ, ଉମା ମହେଶ୍ୱର ମନ୍ଦିର ନିକଟ । ପକ୍ଷୀପକ୍ଷୀ ମାନଙ୍କ ପାଇଁ ଚିଲିକା କୂଳରେ ଦୁଇ ଗୋଟି, ସୋମନାଥ ବସ୍ ଷ୍ଟାଣ୍ଡ, ଅଡିଟରିଅମ୍ ହଲ୍, ଗ୍ରୀନ ଚିଲିକା ହୋଟେଲ, ଉମା ମହେଶ୍ୱର ମନ୍ଦିର, ରାମପୁର ରୋଡ଼ ଫିସରି ଅଫିସ୍ ନିକଟରେ ମୋଟ ସାତ ଗୋଟି ପାନୀୟ ଜଳ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଥିଲେ । ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟକୁ ସୁନାଠ ଆଲୋକରେ ଆଲୋକିତ କରାଯାଇଥିଲା । ଏକ୍ସିସ୍ ବ୍ୟାଙ୍କ୍ ନିକଟରେ ସମସ୍ତ ବାଟୋଇ ଓ ଜନସାଧାରଣ ମାନଙ୍କୁ ଦହି ସର୍ବତ ବଂଟନ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ବର,୦୨/୦୪(ଆ.ପ୍ର): ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ମହାଆଡ଼ମ୍ବରରେ ପ୍ରଦର୍ଶନ କରିବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ଓଡ଼ିଆ ନବବର୍ଷ (ମହାବିଷୁବ ସଂକ୍ରାନ୍ତି) ପର୍ଯ୍ୟନ୍ତ ୧୪ ଦିନ ଧରି ଏହି ପକ୍ଷ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କି ଏପ୍ରିଲ୍ ୧ ରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ଜିଲ୍ଲା ଏବଂ ଉପଖଣ୍ଡସ୍ତରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳନ କରାଯାଇଛି । ଏପ୍ରିଲ ୨ ରେ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଇଛି । ଏପ୍ରିଲ ୩ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର-ପ୍ରସାର ପାଇଁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ପୋଷାକ ପରିଧାନ- 'ଆମ ପୋଷାକ ଆମ ପରିଚୟ' ଦିବସ ପାଳନ କରାଯିବ । ଏପ୍ରିଲ ୪ରେ ବିଭିନ୍ନ ଦୋକାନ ବଜାରରେ ଓଡ଼ିଆ ନାମ ଫଳକର ବ୍ୟବହାର ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ

ଓଡ଼ିଆରେ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା ଆୟୋଜନ କରାଯିବ । ଏପ୍ରିଲ ୫ ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏପ୍ରିଲ ୬ରେ ଜିଲ୍ଲାରେ ଥିବା ଦେବାଳୟ ଓ ଐତିହ ସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନ କରାଯିବ । ସେହିପରି ୭ରେ ଓଡ଼ିଆ ଭାଷାର ପ୍ରାରମ୍ଭିକ ପରିଚୟ ପ୍ରଦାନ କରୁଥିବା ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଏହି ଦିନଟିକୁ 'ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ' ଭାବେ ପାଳନ କରାଯିବ । ୮ରେ ରେଡ଼କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗପକ୍ଷରୁ ରକ୍ତଦାନ ଅଭିଯାନ ଭାବରେ ପାଳନ କରାଯିବ । ୯ ତାରିଖକୁ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହନ ଦେବା ପାଇଁ 'ଆସ ବହିଟିଏ କିଣିବା' ଅଭିଯାନ ଭାବରେ ପାଳନ କରାଯିବ । ୧୦ରେ ଓଡ଼ିଶାର ଲୋକକଳାକୁ ବିଶ୍ୱ ବିଦିତ କରିବା ପାଇଁ 'ଲୋକକଳା ପାଇଁ ଦିନଟିଏ - ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ' ଉତ୍ସବ ପାଳନ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ । ୧୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଯୁବ ଲେଖକ ସମ୍ମିଳନୀର ଆୟୋଜନ କରାଯିବ । ୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା କରାଯିବ । ଖାଦ୍ୟ ପରମ୍ପରା ହେଉଛି ଆମ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ । ଏହି ଖାଦ୍ୟ ପରମ୍ପରାକୁ ପାଳନ କରିବା ପାଇଁ ୧୩ ତାରିଖରେ 'ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ- ଆମ ରୁଚି ଆମ ଖାଦ୍ୟ' ଉତ୍ସବ ପାଳନ କରାଯିବ । ପଂଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହା ଆୟୋଜନ କରାଯିବ । ଏପ୍ରିଲ ୧୪ରେ ଓଡ଼ିଆ ନବବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ବାଲେଶ୍ବର ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ଖୋର୍ଦ୍ଧା, ୦୨/୦୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାରେ ଓଡ଼ିଶା ଦିବସ ମହାସମାରୋହରେ ପାଳନ ହୋଇଯାଇଛି । ପ୍ରାତଃ ଘ ୪.୩୦ ମି. ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତର ରେକର୍ଡିଂ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ପ୍ରାତଃ ଘ ୭.୦୦ ମି.ରେ ଜିଲ୍ଲାର ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ/କାର୍ଯ୍ୟ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧାଙ୍କ ଦ୍ୱାରା ପୁଷ୍ପମାଲ୍ୟ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟା ଘ. ୬.୩୦ ମି.ରେ ଜୟୀ ରାଜଗୁରୁ ଟାଉନ ହଲ ଠାରେ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ଫଟୋ ପ୍ରଦର୍ଶନୀ ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମହୋଦୟା ଏବଂ ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ଜିଲ୍ଲାପାଳ ଚଂଚଳ ରାଣା, ଅଧ୍ୟକ୍ଷତା କରୁଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ରଖିଥିଲେ । ସମସ୍ତଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ପରେ ଅତିଥିମାନଙ୍କୁ ଉତରୀୟ ସହିତ ତାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର

ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ । ଏହା ପରେ ସମସ୍ତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ ଯେ ଯେଉଁ ଜାତିର ଇତିହାସ ଯେତେ ସମୃଦ୍ଧ ସେ ଜାତି ସେତେ ଉନ୍ନତ, ପିଲାମାନଙ୍କୁ ଇତିହାସ ପଢିବାକୁ ଉପଦେଶ ଦେଇଥିଲେ, ସେହିପରି ମାନ୍ୟବର ବିଧାୟକ କହିଲେ ଯେ ଆଜି ହେଉଛି ଆତ୍ମ ବିଶ୍ଳେଷଣର ଦିନ, ଆଜି ସମୟ ଆସିଛି ଆମେ ସମସ୍ତେ ଓଡ଼ିଆ କହିବା ଅନୁଧ୍ୟାନ କରିବା, ମାନନୀୟା ଅଧ୍ୟକ୍ଷା ଜିଲ୍ଲା ପରିଷଦ କହିଲେ, ଆଜି ଆମେ ବୀର ପୁରୁଷର ମହାନତା ଓ ବଳିଦାନ ବିଷୟରେ ମନେପକାଇବା । ସେହିପରି ଜିଲ୍ଲାପାଳ କହିଲେ ଓଡ଼ିଆ ପକ୍ଷକୁ ଏତେ ସୁନ୍ଦର ଭାବେ ପାଳନ କରାଯାଉଛି, ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ, ଓଡ଼ିଆ ବୋଲି ଆମେ ଜାଣିବୁ, ଚିହ୍ନିବୁ ଏବଂ ସାରା ଭାରତ ଆମକୁ ଜାଣିବ । ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ଗୌରବମୟ ବୋଲି ସମ୍ମାନୀୟ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ବକ୍ତବ୍ୟ ରଖିଥିଲେ । ସେହିପରି ଆରକ୍ଷୀ ଅଧୀକ୍ଷକ ସାଗରୀକା ନାଥ କହିଲେ ଯେଉଁ ଗଛର ମୂଳ ଯେତେ ଦୃଢ ସେ ସେତେ ଦୃଢ, ସେହିପରି ଓଡିଶା ଭାଷାକୁ ସୁଦୃଢ କରିବାକୁ ହେଲେ ତାର ମୂଳଦୁଆକୁ ସୁଦୃଢ କରିବାକୁ ହେବ । ପରେ ଓଡ଼ିଶା ଦିବସ ଉପଲକ୍ଷେ କରାଯାଇଥିବା ଜିଲ୍ଲା ସ୍ତରରେ ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ଏବଂ ମହା ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୧ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମେମ୍ବର, ପୌର ପରିଷଦ ମେମ୍ବର, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ପଂଚାୟତ ସ୍ତରୀୟ ମେମ୍ବର, ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାର ବିଭାଗୀୟ ଅଧିକାରି, ବ୍ଲକ ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଭାଗୀୟ କର୍ମଚାରୀ ଏବଂ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ରାଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରୁଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିବା ପରେ ସଭାସାଙ୍ଗ କରାଯାଇଥିଲା ।

ଏସ୍ଇଆର ଦ୍ୱାରା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ

କୋଲକାତା, ୦୨/୦୪ (ନ୍ୟୁ.ଏ) : ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ପାଇଁ, ଦକ୍ଷିଣ ପୂର୍ବ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି: ୦୨୮୭୭/୦୨୮୭୮ ରାଂଚି-ନୂଆଦିଲ୍ଲୀ-ରାଂଚି ସ୍ପେଶାଲ୍: ୦୨୮୭୭ ରାଂଚି-ନୂଆଦିଲ୍ଲୀ ସ୍ପେଶାଲ୍ ପ୍ରତି ଶୁକ୍ରବାର ୦୪.୦୪.୨୦୨୫ରୁ ୨୭.୦୬.୨୦୨୫ ପର୍ଯ୍ୟନ୍ତ ୨୩:୫୫ ଘଂଟାରେ ରାଂଚି ଛାଡିବ ଏବଂ ୦୩.୦୦ ଘଂଟାରେ ନୂଆଦିଲ୍ଲୀରେ ପହଂଚିବ, ତୃତୀୟ ଦିନ । ଫେରିବା ଦିଗରେ, ୦୨୮୭୮ ନୂଆଦିଲ୍ଲୀ-ରାଂଚି ସ୍ପେଶାଲ୍ ପ୍ରତି ରବିବାର ୦୬.୦୪.୨୦୨୫ରୁ ୨୯.୦୬.୨୦୨୫ ପର୍ଯ୍ୟନ୍ତ ୦୪:୦୦ ଘଂଟାରେ ନୂଆଦିଲ୍ଲୀ ଛାଡିବ ଏବଂ ପରଦିନ ୦୫:୦୦ ଘଂଟାରେ ରାଂଚିରେ ପହଂଚିବ । ଏହି ସ୍ୱତନ୍ତ୍ର ଟ୍ରେନଟି ଦକ୍ଷିଣ ପୂର୍ବ ରେଳବାଇ କ୍ଷେତ୍ରାଧିକାରର ମୁରି ଷ୍ଟେସନରେ ରହଣି କରିବ । ୦୮୬୧୧/୦୮୬୧୨ ସାନ୍ତ୍ରାଗାଛି-ଆଜମେର-ସାନ୍ତ୍ରାଗାଛି ସ୍ପେଶାଲ୍: ୦୮୬୧୧ ସାନ୍ତ୍ରାଗାଛି-ଆଜମେର ସ୍ପେଶାଲ୍ ପ୍ରତି ସୋମବାର ୦୭.୦୪.୨୦୨୫ରୁ ୨୧.୦୪.୨୦୨୫ ପର୍ଯ୍ୟନ୍ତ ସନ୍ଧ୍ୟା

୧୯:୫୫ରେ ସାନ୍ତ୍ରାଗାଛି ଛାଡିବ ଏବଂ ତୃତୀୟ ଦିନ ୧୫:୦୦ ରେ ଆଜମେରରେ ପହଂଚିବ । ଫେରିବା ଦିଗରେ, ୦୮୬୧୨ ଆଜମେର-ସାନ୍ତ୍ରାଗାଛି ସ୍ପେଶାଲ୍ ପ୍ରତ୍ୟେକ ଗୁରୁବାର ୧୦.୦୪.୨୦୨୫ରୁ ୨୪.୦୪.୨୦୨୫ ପର୍ଯ୍ୟନ୍ତ ରାତି ୨୩:୪୦ ରେ ଆଜମେରରୁ ଛାଡ଼ିବ ଏବଂ ତୃତୀୟ ଦିନ ଅପରାହ୍ନ ୨:୩୦ରେ ଆଜମେରରେ ପହଂଚିବ । ସ୍ୱତନ୍ତ୍ର ଟ୍ରେନଟି ଖଡ଼ଗପୁର, ଟାଟାନଗର, ଚାଣ୍ଡିଲ୍, ମୁରି, ଦକ୍ଷିଣ ପୂର୍ବ ରେଳବାଇ କ୍ଷେତ୍ରାଧିକାରର ରାଂଚି ଏବଂ ଲୋହରଦଗା ଷ୍ଟେସନରେ ରହଣି କରିବ । ୦୨୮୪୧/୦୨୮୪୨ ଶାଲିମାର-ଏମ୍ଜିଆର ଚେନ୍ନାଇ ସେଂଟ୍ରାଲ୍-ଶାଲିମାର ସ୍ପେଶାଲ୍: ୦୨୮୪୧ ଶାଲିମାର-ଏମ୍ଜିଆର ଚେନ୍ନାଇ ସେଂଟ୍ରାଲ୍ ସ୍ପେଶାଲ୍ ପ୍ରତି ସୋମବାର ୦୭.୦୪.୨୦୨୫ରୁ ୨୧.୦୪.୨୦୨୫ ପର୍ଯ୍ୟନ୍ତ ସନ୍ଧ୍ୟା ୬:୩୦ରେ ଶାଲିମାରରୁ ଛାଡିବ ଏବଂ ପରଦିନ ରାତି ୨୩:୩୦ରେ ଏମ୍ଜିଆର ଚେନ୍ନାଇ ସେଂଟ୍ରାଲ୍ ପହଂଚିବ । ଫେରିବା ଦିଗରେ, ୦୨୮୪୨ ଏମ୍ଜିଆର ଚେନ୍ନାଇ ସେଂଟ୍ରାଲ୍-ଶାଲିମାର ସ୍ପେଶାଲ୍ ପ୍ରତି ବୁଧବାର ୦୯.୦୪.୨୦୨ରୁ ୨୩.୦୪.୨୦୨୫ ପର୍ଯ୍ୟନ୍ତ ସକାଳ ୪:୩୦ରେ ଏମ୍ଜିଆର ଚେନ୍ନାଇ ସେଂଟ୍ରାଲ୍ ଛାଡିବ ଏବଂ ପରଦିନ ରାତି ୧୧:୨୦ରେ ଶାଲିମାରରେ ପହଂଚିବ । ସ୍ୱତନ୍ତ୍ର ଟ୍ରେନଟି ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳବାଇ କ୍ଷେତ୍ରରେ ଖଡ଼ଗପୁର ଏବଂ ବାଲେଶ୍ୱର ଷ୍ଟେସନରେ ରହଣି କରିବ ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଦଶପଲ୍ଲା, ୦୨/୦୪ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନଛିପୁର ପଂଚାୟତ ଠାରେ ଅବସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଂଜୀବନୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସରପଂଚ ବିନୋଦିନୀ ବେହେରା, ସମିତି ସଭ୍ୟ ପଦ୍ମ ଚରଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ ସରୋଜ କୁମାର ନାୟକ, ସମ୍ମାନୀତ ବକ୍ତା ଭାବେ ସାହିତ୍ୟ ସୃଜନୀ ନୟାଗଡ଼ ଡ଼ ପ୍ରତାପ କୁମାର ପରିଡ଼ା ଯୋଗ ଦେବାର ଥିଲା । କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟ ସକାଶେ କେହି ଉପସ୍ଥିତ ରହି ନ ଥିବା ସୂଚନା ମିଳିଛି । ତେବେ କେବଳ ଦଶପଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ, ଓ ଆଲୁମିନିଅମ ସଭାପତିଙ୍କୁ ନେଇ କାମ ଚଳାଇ ଦେଇ ଥିବା ଜଣାପଡ଼ିଛି । ତେବେ ଦଶପଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ଅନ୍ୟ ଦୁଇ ତିନୋଟି ସ୍କୁଲର ବାର୍ଷିକ ଉତ୍ସବ ରେ ଯୋଗ ଦେଇ ନ ଥିବା ବେଳେ କେବଳ ନଛିପୁର ସ୍କୁଲକୁ କିପରି ଗଲେ ତାହା ମଧ୍ୟ ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି ।

ପଂଚୁପଲ୍ଲୀ ସୋମନାଥ ନୋଡାଲ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ଚିଲିକା/ବାଣପୁର, ୦୨/୦୪ (ଆ.ପ୍ର) : ଅଂକୁଲାବେଟି ପିଏମ ଶ୍ରୀ ପଂଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଚିଲିକା ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଶିଶୁ ବାଟିକାର ଶୁଭାରମ୍ଭ ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ବରିଷ୍ଠ ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ । ମୁଖ୍ୟବକ୍ତା ଭାବେ ଚିଲିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବି.ଆର.ସି.ସି ନୀଳାଦ୍ରି ଭୂଷଣ ଦାଶ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ଚିଲିକା ବ୍ଲକ ଶ୍ରୀମତୀ ଜ୍ୟୋସ୍ନାରାଣୀ ବେହେରା ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ଦେବରାଜ ବିଶ୍ୱାଳ, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମର୍ଥା, ଆଲୁମିନି ସଭ୍ୟ ତଥା ସମାଜସେବି ବିଜୟ କୁମାର ବରାଳ, ପରିଚାଳନା କମିଟି ଅଧ୍ୟକ୍ଷା ଶ୍ରୀମତୀ ବିନୋଦିନୀ ବାରିକ, ସରପଂଚ ରଶ୍ମିତା ଦାସ, ଏବିଇଓ ଗୀତାରାଣୀ ନାୟକ ଉପସ୍ଥିତ ଥିଲେ । ସିଆରସିସି ପବିତ୍ର କୁମାର ରାଉତ, ବୃନ୍ଦାବନ ମହାରଣା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଶିକ୍ଷା ରଥକୁ ମୁଖ୍ୟ ଅତିଥି ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଛୋଟ ଛୁଆ ପାଂଚ ବର୍ଷରୁ ଉର୍ଦ୍ଧ୍ୱ ମାନଙ୍କୁ ପ୍ରଭୁ ଶ୍ରୀ ଗଣପତିଙ୍କ ମୂର୍ତ୍ତି ସମ୍ମୁଖରେ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା । ସଭାକାର୍ଯ୍ୟ ଆରମ୍ଭରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରାଯାଇଥିଲା ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଅଭୟ କୁମାର ଜେନା ବିବରଣୀ ପାଠ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ଜେନା ମଂଚ ପରିଚାଳନା କରିଥିଲେ । ନିରଞ୍ଜନ ରଣା ପୁରସ୍କାର ବିତରଣ କରିଥିଲେ । ଶେଷରେ ବିଭୂତି ଭୂଷଣ ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ ।

ପ୍ରବେଶ ଉତ୍ସବ ଓ ଖଡିଛୁଆଁ ୨୦୨୫ ଶିଶୁ ବାଟିକାର ଶୁଭାରମ୍ଭ

ବ୍ରହ୍ମପୁର, ୦୨/୦୪ (ଆ.ପ୍ର) : ବ୍ରହ୍ମପୁର ମହାନଗର ନିଗମ ଟାଉନ ଥାନାର ନିକଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକାର କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ ଶ୍ରେଣୀରେ ନୂତନ ଭାବେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ



ପ୍ରଧାନ ଶିକ୍ଷକ ଭୂପେନ କୁମାର ମହନ୍ତ, ବିଦ୍ୟାଳୟ ପରିଚାଳନ ସଭାପତି ଏମ ଦୀପାରାଣୀ,ସାମାଜିକ ତଥା ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ମହାସଭାର ସାଂଗଠନିକ ସଭାପତି ଅନିଲ କୁମାର ଚୌଧୁରୀ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ବିଦ୍ୟାଳୟ ପରିଚାଳନ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ ।

ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ୨୦୨୫ ଶୁଭାରମ୍ଭ

ଦଶପଲ୍ଲା, ୦୨/୦୪ (ଆ.ପ୍ର) : ଗଣଶିକ୍ଷା ବିଭାଗ ଅଧିନରେ ପୂର୍ବରୁ ୫ ବର୍ଷରୁ ଅଧିକ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖା ହେଉଥିବା ବେଳେ ଚଳିତ ବର୍ଷ ଠାରୁ ୬ ବର୍ଷ କିମ୍ବା ଅଧିକ ବର୍ଷ ବୟସ ହେଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଯାଇ ପାରିବେ । ତେବେ ୫ ବର୍ଷ କିମ୍ବା ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବାଳ ବାଟିକା ଶିକ୍ଷା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି । ଏହି ଅବସରରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମକୁ ଅତି ଆଡ଼ମ୍ବର ସହକାରେ ପାଳନ କରାଯିବା ସହ ବିଦ୍ୟାଳୟର ପ୍ରବେଶ ଦ୍ୱାର ଠାରୁ ବାଳବାଟିକାରେ ନାମ ଲେଖାଇବା ସ୍ଥାନ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କୁ ବାଜା ବଜାଇ ସ୍ୱାଗତ କରିବା ସହିତ ଫୁଲ ଚନ୍ଦନ ଲଗାଇ ଶ୍ରେଣୀଗୃହକୁ ପାଛୋଟି ନେଇଥିଲେ । ବିଦ୍ୟାଳୟ ଏବଂ ପାଖ ପରିବେଶକୁ ସୁନ୍ଦର ତୋରଣ ଏବଂ ବେଲୁନ ମାଧ୍ୟମରେ ସୁସଜ୍ଜିତ କରାଯାଇଥିଲା । ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ପ୍ରଦାନ କରି ଖଡ଼ି ଛୁଆଁ ସହିତ ନାମଲେଖା ଆରମ୍ଭ କରଯାଇଥିଲା ।

ଆରମ୍ଭ ହେଲା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ

ପିଲାଙ୍କୁ ଖଡ଼ି ଛୁଆଁଇଲେ ଜିଲ୍ଲାପାଳ, ଉଜ୍ଜ୍ୱଳ ଭବିଷ୍ୟତର କଲେ କାମନା

ବାଲେଶ୍ୱର, ୦୨/୦୪ (ଆ.ପ୍ର) : ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶିକ୍ଷା ବର୍ଷରୁ ଲାଗୁ କରାଯାଇଥିବା ନୂତନ ଶିକ୍ଷାନୀତି ଆଜିଠୁ ଆରମ୍ଭ ହୋଇଛି । ଶିଶୁ ବାଟିକାରେ କୁନି କୁନି ପିଲାମାନେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପୂର୍ବରୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶିଶୁ ବାଟିକାରେ ନାମ ଲେଖେଇବାକୁ ରାଜ୍ୟ ସାରା ଆଜି ସ୍କୁଲ ଆସିଛନ୍ତି କୁନି କୁନି ପିଲା । ନୂଆକରି ପାଠପଢ଼ା ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ବିଦ୍ୟାଳୟସ୍ତରରେ ଶିଶୁ ବାଟିକା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୨୦୮୬ ବିଦ୍ୟାଳୟରେ ଆରମ୍ଭ କରାଯାଇଛି ଓ ତନ୍ମଧ୍ୟରୁ ୧୩୨୫ ଟି ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୬୨୩ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୧୩୮ ମାଧ୍ୟମିକ ବିଦ୍ୟାଳୟ ରହିଛି । ବାଲେଶ୍ୱର ରେମୁଣା ବ୍ଲକ ଅନ୍ତର୍ଗତ ଜାନୁଗଞ୍ଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ପିଲାଙ୍କୁ ଖଡ଼ି ଧରାଇ ସିଲଟ ପଟାରେ ବିଦ୍ୟା ଆରମ୍ଭ କରାଇଥିଲେ ଓ ସ୍କୁଲ ବ୍ୟାଗ ବଂଟନ କରିଥିଲେ । ଏଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲରେ ପ୍ରଥମକରି ପାଦ ଥାପୁଥିବା ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ ହେବେ ଏବଂ ଜୀବନବ୍ୟାପୀ ସେମାନଙ୍କ ସ୍କୁଲରେ ପ୍ରଥମ ଦିନର ଅନୁଭୂତିକୁ ସ୍ମରଣୀୟ କରିବ । ପିଲାଙ୍କୁ ସର୍ବୋତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବାଲେଶ୍ୱର ପ୍ରଶାସନ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଶିଶୁ ବାଟିକାର ଭିତି ଉପରେ ନୂଆପିଢ଼ିର ଭବିଷ୍ୟତ ନିର୍ଭର କରୁଛି ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସବୁ ପଦକ୍ଷେପ ନିଆଯାଇ ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟ ବୋଲି ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି । ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବରେ ଗୁଣାତ୍ମକ ପାଠ ପଢାଯିବ ସେନେଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ ଜିଲ୍ଲାପାଳ ଶ୍ରୀ ବିକାଶ । ଯେଉଁ ମାନଙ୍କ ବୟସ ସେପ୍ଟେମ୍ବର ୧ ସୁଦ୍ଧା ୫ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଶିଶୁ ବାଟିକା ଓ ୬ ବର୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଶ୍ରେଣୀରେ ନାମ ଲେଖାଉଛନ୍ତି । ଏହାପରେ 'ସଭିଏଁ ସ୍କୁଲ ଯିବା' ଆଧାରିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ । ଏଠାରେ ସୂଚନା ଥାଉ କି, ଜିଲ୍ଲାର ସମସ୍ତ ଉପଖଣ୍ଡ ଓ ବ୍ଲକ ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଉପଜିଲ୍ଲାପାଳ ବାଲେଶ୍ୱର ଡ଼ ମଧୁସ୍ମିତା ସାମନ୍ତରାୟ, ପିଏ ଆଇଟିଡିଏ ଜାନୁ ସୋରେନ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ସମସ୍ତ ବିଡ଼ିଓ ଓ ତହସିଲଦାର ଯୋଗଦାନ କରିଥିଲେ ।

ବାଲେଶ୍ୱର ଜିଲ୍ଲା ସାଂଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୨/୦୪ (ଆ.ପ୍ର) : ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଂଗଠନିକ ବୈଠକ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । ଭାରତ ମାତାଙ୍କ ପୂଜନ ଓ ସାମୂହିକ ବନ୍ଦେ ମାତରଂ ଗାନ ପରେ ଜିଲ୍ଲା ସାଧାରଣ ଅପ୍ରେଲ ଦଳୀୟ ପ୍ରତିଷ୍ଠା ଦିବସ ଓ ଶ୍ରୀରାମ ନବମୀ ଉତ୍ସବ ଏବଂ ୧୪ ଅପ୍ରେଲ ଭାରତରତ୍ନ ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନକୁ ସରସ ସୁନ୍ଦର ଭାବରେ ପାଳନ କରିବା ପାଇଁ ଜିଲ୍ଲା ଭିତିକ ଦାଇତ୍ୱ ଅର୍ପଣ କରାଯାଇଛି । ବୈଠକରେ ରାଜ୍ୟ ଉପସଭାପତି ତଥା ବାଲେଶ୍ୱର କ୍ଲଷ୍ଟର ଆଗାମୀ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସୂଚନା ଦେଇଥିଲେ । ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର

ସମ୍ପାଦକ ପର୍ଶୁରାମ ପରିଡ଼ା ସଭାକାର୍ଯ୍ୟ ସଂଚାଳନ କରିଥିଲେ । ବୈଠକରେ ସାଂଗଠନିକ ବିଷୟବସ୍ତୁ ଓ ଆଗାମୀ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ୬ ଦାୟିତ୍ୱରେ ଥିବା ବିରଂଚିନାରାୟଣ ତ୍ରିପାଠୀ ଅଂଶଗ୍ରହଣ କରି କାର୍ଯ୍ୟକର୍ତାଙ୍କୁ ମାର୍ଗଦର୍ଶନ କରିଥିଲେ । ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ଓ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯୁବନେତା ଚନ୍ଦ୍ରଶେଖର ନନ୍ଦ ବୈଠକର ସଂଯୋଜନା କରିଥିଲାବେଳେ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋହିରା ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ

ନୀଳଗିରି,୦୨/୦୪ (ଆ.ପ୍ର) : ଆଜି ପୂର୍ବାହ୍ନରେ ଗୋହୀରା ପ୍ରାଥମିକ ବିଦ୍ୟାଳୟରେ ପିତୃ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ଅବସରରେ ଉତ୍କଳ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ସାହୁ ସଭାପତିତ୍ୱ କରିଥିଲେ । ସେ ତାଙ୍କ ସଭା ପତିତ୍ୱ ଅଭି ଭାଷଣରେ କହିଥିଲେ କି ବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଆଜି ପର୍ଯ୍ୟନ୍ତ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଦେଲିପାଳ ପଂଚାୟତର ବାହାମନୀ ମାର୍ଣ୍ଡି ଓ ମୁଖ୍ୟ ବକ୍ତା ସମାଜ ସେବୀ ତଥା ପୂର୍ବତନ ସରପଂଚ ସୁରେଶ ଚନ୍ଦ୍ର ଶଙ୍ଖୁଆ , ଶିକ୍ଷା ବ୍ୟବସ୍ଥାରେ ପିଲା ମାନଙ୍କୁ କେମିତି ଉତମ ଶିକ୍ଷା ଦିଆ ଯାଇ ପାରିବ ସେ ବିଷୟରେ ପୂର୍ଣ୍ଣାଙ୍ଗ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅମରେନ୍ଦ୍ର ନାୟକ, ଉତ୍କଳ ଦିବସରେ ସ୍ୱାଭିମାନୀ ଉତ୍କଳ ଜନନୀଙ୍କ ଉଦ୍ଦେଶ୍ୟରେ କବିତା ଆବୃତି କରିଥିଲେ । ଅନ୍ୟତମ ଅତିଥି ଭାବେ ଦୁଷ୍ମନ୍ତ ନାୟକ, ଆମର ଦାସ , ସେରାଲ ବାସ୍କେ , ରଞ୍ଜନ ବାରିକ , ରସାନନ୍ଦ ଶଙ୍ଖୁଆ , ପ୍ରଫୁଲ୍ଲ ପାତ୍ର, ଶିକ୍ଷକ ବାପି ମଲ୍ଲିକ, ତଥା ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ପ୍ରାରମ୍ଭ ରେ ପିଲାମାନେ ଅତିଥି ମାନଙ୍କୁ ଫୁଲତୋଡ଼ା ଦେଇ ଅଭ୍ୟର୍ଥନା କରିଥିଲେ । ଶେଷରେ ଶିକ୍ଷୟତ୍ରୀ ଅନୁସୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସିଂଲା ଥାନାରେ ରାମ ନବମୀ ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୦୨/୦୪ (ଆ.ପ୍ର) : ଆଜି ସନ୍ଧ୍ୟାରେ ସିଂଲା ଥାନାରେ ଥାନା ଅଧିକାରିଣୀ କମଳିନୀ ଡାଣ୍ଡିଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ରାମ ନବମୀ ପାଇଁ କୁଣ୍ଡୁଳି ପଂଚାୟତରୁ ଏକ ପଦଯାତ୍ରା ବାହାରି ସାହାଡ଼ା ହାଟ ନିକଟରେ ଶେଷ ହେବ ଏବଂ ସିଂଲାରୁ ଏକ ତିନି ଶହ ମଟର ସାଇକେଲ ରାଲି ବାହାରି ପାନ ସାହି, ଡାଡ଼ଦା, ଗିଲାଯୋଡି, ଅସ୍ତି, ବେଳି, ମଧୁପୁରା, ଜାମସୁଳି, କମାରଗଡ଼ିଆରେ ପହଂଚିବ । ସେଥିପାଇଁ ପୋଲିସ ତରଫରୁ ସମସ୍ତ ସୁରକ୍ଷା ଦେବା ସହିତ ଶାନ୍ତି ଶୃଙ୍ଖଳାର ସହିତ ରାଲି କରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ । ଏନେଇ ଆଲୋଚନାରେ ବଢାଣ ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାଳିକ, ପୁଟୁରା ପଂଚାୟତ ସରପଂଚ ରାଧାକୃଷ୍ଣ ବେହେରା, କାଶୀ ନାଥ ଜେଙ୍କା, ଓଁକାର ଭୂୟାଁ, ସୁଜିତ କୁମାର ପାତ୍ର, ମାନସ ମହାନ୍ତି, ରାକେଶ କୁମାର ପାତ୍ର, ସୁଜିତ କୁମାର ମଣ୍ଡଳ, ରାଜୁରାଜ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଝଟୁଆ, ପ୍ରମୁଖ ଯୋଗଦେଇଥିଲେ ।

ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ଦ୍ୱାରା ଉତ୍କଳ ଦିବସ ପାଳନ

ଜଳେଶ୍ୱର, ୦୨/୦୪ (ଆ.ପ୍ର) : ଜଳେଶ୍ୱର ପଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ, ମୁଣ୍ଡମୁଣିଆ ଆନୁକୂଲ୍ୟରେ ଓ ମାଧବ ଚନ୍ଦ୍ର ଶିବ ନାରାୟଣ ଉଚ୍ଚ ସରକାରୀ ବିଦ୍ୟାଳୟ ଛାମୌଳର ସହାୟତାରେ ଉତ୍କଳ ଦିବସ ପାଳନ କରାଯାଇଥିଲା । ଏହି ପବିତ୍ର ଦିବସ ଓଡିଶା ଓ ଓଡ଼ିଆର ଇତିହାସ, ବର୍ତମାନର ସ୍ଥିତି ତଥା ଭବିଷ୍ୟତ ସମ୍ପର୍କରେ ସଚେତନ କରାଇ ଦିଏ ବୋଲି ଯୋଗ ଦେଇଥିବା ସମସ୍ତ ଅତିଥି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ମତ ଉପସ୍ଥାପନ କରିଥିଲେ । ଏଥି ସହିତ ଓଡ଼ିଆ ଭାଷାକୁ ବଂଚାଇବାକୁ ହେଲେ ଏହାକୁ ସରକାରୀ ଭାଷାର ମାନ୍ୟତା ଦେବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ଏବଂ ସମସ୍ତ ପ୍ରବେଶିକା ପରୀକ୍ଷା ଓଡ଼ିଆ ଭାଷାରେ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ୯୦ ତମ ଉତ୍କଳ ଦିବସ କରିବାକୁ ଯାଇ ପ୍ରଥମେ ଯୁଗ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ,କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଉତ୍କଳ ପ୍ରଦେଶ ଗଠନରେ ଯେଉଁମାନେ ପୁରୋଭାଗରେ ଥାଇ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିଲେ ଏବଂ ପ୍ରଥମ ଭାଷା ଭିତିକ ରାଜ୍ୟ ଭାବରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆମ ହାତରେ ଅର୍ପଣ କରିଯାଇଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ସଂସଦର କାର୍ଯ୍ୟକାରୀ ସଭାପତି ଭାଗବତ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ସଭାରେ ଗାଳ୍ପିକ ସୀତାଂଶୁ ସେନାପତି, ପ୍ରଧାପକ ନୀଳକଣ୍ଠ ଖଣ୍ଡା, ସମାଜସେବୀ ଦିଲ୍ଲିପ ଗିରି, ଶିକ୍ଷକ ନେତା ମନୋରଞ୍ଜନ ଦାସ, ସାମ୍ବାଦିକ ସୁକୁମାର ରଣା,ସି ଆର ସିସି ମୀନାରାଣୀ ପରିଡ଼ା,, ସୁକୁମାର ମିଶ୍ର, ଜ୍ୟୋସ୍ନା ମହାନ୍ତି, ଜୀବନ ପରିଡ଼ା ସମେତ ଉକ୍ତ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା , ଶ୍ରଦ୍ଧାଞ୍ଜଳି ଦେ, ରୂପାଲି ସାମଲ, ଅର୍ପିତା ଜେନା,ସାଗରିକା ଦାସ, ଛାତ୍ର ଅନିରୁଦ୍ଧ ବଳେଇ ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସ ଓ ଓଡ଼ିଆ ଭାଷାର ଅତୀତ, ବର୍ତମାନ ଓ ଭବିଷ୍ୟତର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉତ୍କଳ ବନ୍ଦନା, ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ସଂସଦର ସମ୍ପାଦକ ଅକ୍ଷୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ ।'ଆମ ସଂସ୍କୃତି ଓ ଆମ ଖେଳନା' ଶୀର୍ଷକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହସ୍ତଶିଳ୍ପର ଏକ ପ୍ରଦର୍ଶନୀ ବେଶ୍ ଚିତାକର୍ଷକ ହୋଇଥିଲା ।

'ସେଇଠୁ ଆରମ୍ଭ' ଖବରର ପ୍ରଭାବ

ଆଦିବାସୀ ଯୁବକଙ୍କୁ ଜାତିଆଣ ଆକ୍ଷେପ ଘଟଣାରେ ମିଳିଲା ଏତଲା କପି

ଲଙ୍ଗଳେଶ୍ୱର, ୦୨/୦୪ (ଆ.ପ୍ର) : ସାଧାରଣ ଲୋକଟି ଥାନା ରେ ଅଭିଯୋଗ କଲେ ୨୪ ଘଂଟା ମଧ୍ୟରେ ମାମଲା ପଞ୍ଜିକୃତ କରି ଅଭିଯୋଗକାରୀଙ୍କୁ ଏତଲା କପି ଦେବାର ବ୍ୟବସ୍ଥା ଅଛି । ମାତ୍ର ବାଲିଆପାଳ ଥାନାରେ ଏହାର ବ୍ୟତିକ୍ରମ ଦେଖାଦେଉଛି । ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନରେ ଚେଷ୍ଟା ପରିବର୍ତେ ଏଠାରେ ଥିବା ପୋଲିସ କର୍ମଚାରୀ ଘଟଣାକୁ ଚପାଇ ଦେବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଯାହା ଫଳରେ ସାଧାରଣ ଲୋକଙ୍କ ମନରେ ଥାନା, ତଦନ୍ତ ଓ କୋର୍ଟ ବିଚାର ଉପରେ ଭରସା ଉଠିବାକୁ ଯାଉଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଛତା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲୁଥିବା ବିଦ୍ୟାଳୟ ମରାମତି କାର୍ଯ୍ୟ ବିଷୟରେ ବୁଝିବା ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ହାଁସଦାଙ୍କୁ ପରିଚାଳନା କମିଟିର ସଦସ୍ୟ ଆଦିବାସୀ ଯୁବକ ପ୍ରିୟନାଥ ମୁର୍ମୁ ବିଦ୍ୟାଳୟ ରେ ଗତ ମାସ ୨୧ ତାରିଖ ସକାଳ ୬.୩୦ ସମୟରେ ଭେଟିଥିଲେ । ଉଭୟଙ୍କ ମଧ୍ୟରେ ବାର୍ତାଳପ ଚାଲିଥିଲା ବେଳେ ସେହି ଗ୍ରାମର ସେକ କମୁରୁଦ୍ଦିନ ପ୍ରିୟନାଥଙ୍କୁ ମାଡ଼ ମାରିବା, ଭାଷା କହିବା ଏବଂ ଜାତିଆଣ ଆକ୍ଷେପ କରିଥିଲେ ବୋଲି ପ୍ରିୟନାଥ ଅଭିଯୋଗ ନେଇ ବାଲିଆପାଳ ଥାନାକୁ ଯାଇଥିଲେ । ମାତ୍ର ବାଲିଆପାଳ ଥାନାର ସବ ଇନ୍ସପେକ୍ଟର ଲିଲି ନାୟକ ତଦନ୍ତର ଦାୟିତ୍ୱ ନେଇ ଘଟଣା ସ୍ଥଳ କୁ ଆସି ସାକ୍ଷୀଙ୍କ ବୟାନ ନେଇଥିଲା ପରେ ବି ଅଭିଯୋଗକାରୀ ପ୍ରିୟନାଥଙ୍କୁ ଏତଲା କପି ଦେବା ପରିବର୍ତେ ଦୁଇ ଥର ଥାନାରୁ ଘୁରାଇ ଥିଲେ । ଅନ୍ୟପଟରେ ଆପୋଷ ବୁଝାମଣା ନକଲେ ଉଲଟା ତାଙ୍କ ନାମରେ ଅଭିଯୁକ୍ତଙ୍କ ସ୍ତ୍ରୀ ୨୨ ତାରିଖ ରେ ଦେଇଥିବା ଅଭିଯୋଗ ମୂଳେ କେସ କରାଯିବ ବୋଲି ମହିଳା ସବ ଇନ୍ସପେକ୍ଟର ପ୍ରିୟନାଥଙ୍କୁ ଧମକ ଦେଇଥିଲେ । ତେବେ ବାଲିଆପାଳ ଥାନାରୁ ଏତଲା କପି ନମିଳିବାରୁ ଗତ ମାସ ୨୪ ତାରିଖ ରେ ପ୍ରିୟନାଥ ବସ୍ତା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାନସ ଦେଓଙ୍କୁ ପୁଣି ଅଭିଯୋଗ କରିଥିଲେ । ତେବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏହି କେସର ତଦନ୍ତ ଦାୟିତ୍ୱ ପୁଣି ବାଲିଆପାଳ ଥାନାର ସବ ଇନ୍ସପେକ୍ଟର ବିଶ୍ୱମ୍ଭର ଚକ୍ରବର୍ତୀଙ୍କୁ ଦିଆଯାଇଥିଲା । ତେବେ ସେ ମଧ୍ୟ ମହିଳା କର୍ମଚାରୀଙ୍କ ଭଳି ଗତ ମାସ ୨୫ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରିୟନାଥଙ୍କୁ ଥାନାକୁ ବାରମ୍ବାର ଡାକି ଘଂଟା ଘଂଟା ବସାଇବା ସହିତ ତଦନ୍ତ ନାମରେ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ସମାଧାନ ପାଇଁ ଚେଷ୍ଟା କରିଥିଲେ । ଏତଲା କପି ମାଗିବାରୁ ଥାନାର ବଡ଼ ବାବୁ ଶିକ୍ଷକଙ୍କର ବୟାନ ଗ୍ରହଣ ପରେ ଏତଲା କପି ମିଳିବ ବୋଲି ବିରକ୍ତି ଭାବ ପ୍ରକାଶ କରି ପ୍ରିୟନାଥଙ୍କୁ କହିଥିଲେ । ଘଟଣା ଘଟିବାର ଦୀର୍ଘ ୧୦ ଦିନ ହୋଇଥିଲେ ସୁଦ୍ଧା ଏତଲା କପି ନ ମିଳିବାରୁ ଶେଷରେ ଗତ ମାସ ୩୦ ତାରିଖରେ ଆଦିବାସୀ ସମ୍ପ୍ରଦାୟର ଯୁବକ ଯୁବତୀ ଛତା ଗ୍ରାମର ଆଦିବାସୀ ସାହିରେ ଏକତ୍ରିତ ହୋଇ ଭାରତର ରାଷ୍ଟ୍ରପତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ବସ୍ତା ଏସଡ଼ିପିଓଙ୍କ ଠାରେ ଅଭିଯୋଗ କରିବା ପାଇଁ ଦସ୍ତଖତ ଅଭିଯାନ କରି ଅନଲାଇନ ମାଧ୍ୟମରେ ସମସ୍ତଙ୍କୁ ନିବେଦନ କରିଥିଲେ । ଆଦିବାସୀ ଯୁବକଟି ଥାନାରୁ ବାରମ୍ବାର ଘୁରିବା ଏବଂ ଏତଲା କପି ନ ମିଳିବା ଘଟଣାକୁ 'ସେଇଠୁ ଆରମ୍ଭ' ଓଡ଼ିଆ ଖବର କାଗଜ ରେ ଗତ ଏପ୍ରିଲ ମାସ ୧ ତାରିଖ ରେ ପ୍ରକାଶ ପାଇଥିଲା । ଘଟଣା ପ୍ରକାଶନ ପରେ ପୋଲିସ ପ୍ରଶାସନ ତରଫରୁ ତତ୍ପରତା ଦେଖା ଦେଇଥିଲା ଏବଂ ଅଭିଯୋଗକାରୀ ପ୍ରିୟନାଥଙ୍କୁ ଡାକି କେସ ନମ୍ବର ୦୦୮୨/୨୦୨୫ ମୂଳେ ଏପ୍ରିଲ ୨ ତାରିଖରେ ଏତଲା କପି ପ୍ରଦାନ କରିବା ସହିତ ଘଟଣା ସ୍ଥଳକୁ ଏସଡ଼ିପିଓ ମାନସ ଦେଓ ଆସି ସାକ୍ଷୀ ମାନଙ୍କର ବୟାନ ଗ୍ରହଣ କରିଥିଲେ । ଗରିବ ଏବଂ ଆଦିବାସୀ ଯୁବକକୁ ନ୍ୟାୟ ପ୍ରଦାନରେ ବାଲିଆପାଳ ପୋଲିସର ଏଭଳି ଅଭିମୁଖ୍ୟକୁ ବୁଦ୍ଧିଜୀବି, ସାମାଜିକ କର୍ମୀ ଓ ସାଧାରଣ ଜନତା ନାପସନ୍ଦ କରିଛନ୍ତି ।

ନୀଳଗିରି ଡିଭାଇନ ଟ୍ୟୁଟୋରିଆଲ୍‌ରେ ଉତ୍କଳ ଦିବସ ପାଳିତ

ନୀଳଗିରି, ୦୨/୦୪ (ଆ.ପ୍ର) : ନୀଳଗିରିର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ୍ ରେ ଓଡ଼ିଶାର ଅସ୍ମିତା ଉତ୍କଳ ଦିବସ ପାଳିତ ହୋଇ ଯାଇଛି । ଏଥି ସହିତ ନିଜର, ପରିବାରର ତଥା ସମାଜରକଲ୍ୟାଣ ନିମନ୍ତେ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ନୂତନ ଦିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ଯାହାର ବିଷୟ - ଆମ ପରିବାର ନିଶା ମୁକ୍ତ ପରିବାର । ନିଶାକୁ ଛି । ଆଉ ନିଜକୁ ସଜାଡ଼ିବା ନିଜ ପରିବାରକୁ ସଜାଡ଼ିବା । ଯେଉଁଥିରେ ମୁଖ୍ୟ ଅତିଥି ଭାବେ ଚିତ୍ର ଶିଳ୍ପୀ କେଶୁ ଦାସ,ମୁଖ୍ୟ ବକ୍ତା ,ବହିଘରର ପ୍ରକାଶକ,କବି ଅଭୟ ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ, ମନୋରଞ୍ଜନ ଦାସ୍ ଏବଂ ଏହା ସହିତ ଡିଭାଇନ ଟ୍ୟୁଟୋରିଆଲ୍ ତଥା ଚାରିଟେବୁଲ ଟ୍ରଷ୍ଟ ପରିଚାଳକ ସୁଶାନ୍ତ କୁମାର ମହାପାତ୍ର ଉପସ୍ଥିତିରେ ଉକ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇ ଥିଲା । ଏହାକୁ ପରିଚାଳନା କରିଥିଲେ ଦିଶାର ସଦସ୍ୟା ଶୁଭଲକ୍ଷ୍ମୀ ବିଶ୍ୱାଳ ।ଯେଉଁଥିରେ ସର୍ବ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଓ ବାବା ଶ୍ରୀ ସତ୍ୟସାଇଙ୍କ ଫଟୋ ଚିତ୍ର ରେପୁଷ୍ପ ହାର ପ୍ରଦାନ କରି ଓ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ପରେ ବନ୍ଦେ ଉତ୍କଳ ଜନନୀ ଓ ଜାତୀୟ ସଙ୍ଗୀତ ଦିଶାର ସଦସ୍ୟା ମାଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଏହାକୁ ସର୍ବ ପ୍ରଥମେ ଡିଭାଇନ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ତଥା କାର୍ଯ୍ୟକ୍ରମର ସଭାପତି ସମସ୍ତ ଅତିଥିଙ୍କ ସ୍ୱାଗତ କରି , ପୁଷ୍ପ ଗୁଚ୍ଛ ଓ ଉତରୀୟ ମାଧ୍ୟମରେ ସମ୍ବର୍ଦ୍ଧନା କରିଥିଲେ । ଏହା ପରେ ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ଉତ୍କଳ ଦିବସର ଯଥାର୍ଥ; ବିଶ୍ୱଭାତୃତ୍ୱ, ସ୍ୱତନ୍ତ୍ର ଭାଷା, ସାହିତ୍ୟ ସଂସ୍କୃତି ଓ ନିଶା ଏକ ସମାଜ ପାଇଁ କଳଙ୍କିତ ରାକ୍ଷସ ବୋଲି କହିଥିଲେ । । ଆମ ଭାଷା, ଆମ ସାହିତ୍ୟ କିପରି ଗୁଣ୍ଡିମନ୍ତ ହେବ ସେହି ଉପରେ ଆଲୋକପାତ କରିଥିଲେ । ଏହା ପରେ ସମ୍ମାନିତ ଅତିଥି ନିଜର ଅଭିଭାଷଣରେ ସେ କହିଛନ୍ତି ପାଠ ପଢ଼ିବା , ଭଲ କାମ କରିବା , ଭଲ ଆଦର୍ଶ ପାଇଁ ଆଶା ରଖିବା ,ପରନ୍ତୁ ସମାଜ ପାଇଁ ଯାହା ମହାବିପଦ ଅର୍ଥାତ ନିଶା ସେବନ ତାହାକୁ ଗ୍ରହଣ କରିବା ନାହିଁ । ଏହା ପର ଅତିଥି ନିଜର ଅଭିଭାଷଣରେ ତିନୋଟି ତି (ଶୃଙ୍ଖଳିତ, ଦୃଢ଼ବିଶ୍ୱାସ ଓ ତ୍ୟାଗ) ସହିତ ଚରିତ୍ର ଗଠନ ଶିକ୍ଷା ଏହି ତିନୋଟି ପ୍ରତ୍ୟେକ ଲୋକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ନିଜ ଖୁସିରେ ଶପଥ ନେଇଥିଲେ ଯେ କରୁଛୁ ଶପଥ ଆମ ପରିବାର ହେବ ନିଶାମୁକ୍ତ । ଏହାପରେ ସଭାର ସଭାପତି ନିଜର ମତରେ କହିଥିଲେ ଯେ ଜଣେ ଛାତ୍ର ବ ଯୁବକ କିମ୍ବା ପାରିବାରିକ ମୁଖିଆ ହେଉ କେମିତି ନିଜର ଜୀବନକୁ ସାକାର କରିବା ନିମନ୍ତେ ନିଶାକୁ ତ୍ୟାଗ କରି ଜଣେ ଭଲ ମଣିଷ, ଭଲ ବାପା, ଭଲ ଭାଇ, ଭଲ ଭଉଣୀ ଓ ଜଣେ ଭଲ ମାଆ ହୋଇପାରିବ ଏବଂ ନିଜର ପରିବାରକୁ ନିଶା ମୁକ୍ତ କରି ପାରିବ ସେଥିପ୍ରତି ସେ ଦୃଷ୍ଟିପାତ କରିଥିଲେ । ନିଶା ମୁକ୍ତକୁ ନେଇ ଯୁବ ମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା । ବ୍ୟଙ୍ଗ କବିତାର ଆସର, ନିଶାକୁ ଦୂରେଇବା ନିମନ୍ତେ ଜୟଶ୍ରୀ ଦାସ ଓ ତାଙ୍କ ଗ୍ରୁପ ଦ୍ୱାରା ସୁନ୍ଦର ରଙ୍ଗୋଲି ତଥା ବିଭିନ୍ନ ଗଠନ ମୂଳକ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡିଭାଇନ ଟ୍ରଷ୍ଟର ସଦସ୍ୟ ଓ ସଦସ୍ୟାଙ୍କ ସହଯୋଗ କରିଥିଲେ । ପରିଶେଷରେ ଡିଭାଇନ ଟ୍ୟୁଟୋରିଆଲର ପରିଚାଳକ ଶ୍ରୀ ମହାପାତ୍ର ଧନ୍ୟବାଦ ଜଣାଇଥିଲେ ।

ଉତ୍କଳ ଦିବସ ଅବସରରେ ଜଳଦାନ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୦୨/୦୪ (ଆ.ପ୍ର) : ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଓ ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ମିଳିତ ଉଦ୍ୟମରେ ପ୍ରତିବର୍ଷ ଭଳି ଉତ୍କଳ ଦିବସ ଅବସରରେ ଜିଲ୍ଲାପାଳଙ୍କ ମୁଖ୍ୟଫାଟକ ନିକଟରେ ଜଳଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ ଓ 'ସହାୟକ'ର ସଂପାଦକ ଇଂ. ହୃଷିକେଶ ସାହୁ ମିଳିତଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଧାରଣ ସଂପାଦକ ଦାମୋଦର ନାୟକ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ଯୁଗ୍ମ ସଂପାଦିକା ସାବିତ୍ରୀ ଦାସ, ସଂଗଠନ ସଂପାଦକ ସଂଜୟ କୁମାର ପଣ୍ଡା, ସାଂସ୍କୃତିକ ସଂପାଦକ ଭାଗବତ ଦଳାଇ, ପୂର୍ବତନ ସଂପାଦକ ବୀରେନ୍ଦ୍ର କୁମାର ମହାନ୍ତ, ପ୍ରଣିତା ମିଶ୍ର, ପ୍ରତିମା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସିଂ, ପଦ୍ମଲୋଚନ ଦତ୍ତ, ବେଣୁଧର ପାଳ, ଶଶାଙ୍କ ଶେଖର ଦତ୍ତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଅଜୟ କୁମାର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଇଂ. ଶ୍ରୀରାମ ଦାସ, ସ୍ୱଦେଶ ରଞ୍ଜନ ମହାପାତ୍ର, କେଶବ ଚନ୍ଦ୍ର ମହାନ୍ତି, 'ସହାୟକ'ର ସଭାପତି କ୍ଷିତୀଶ୍ୱର ଦାଶ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ପରିଡ଼ା, ରବି ପାଣିଗ୍ରାହୀ, ଗଙ୍ଗାଧର ପୃଷ୍ଟି ଓ ଯମୁନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜଳଦାନ ଶିବିର ଏପ୍ରିଲ୍ ପହିଲାରୁ ଜୁନ୍ ୧୫ ତାରିଖ ଯାଏଁ ପ୍ରତିଦିନ ସକାଳ ୯ଟାରୁ ଅପରାହ୍ନ ୧ଟାଯାଏ ପରିଚାଳିତ ହେବ । ସର୍ବସାଧାରଣ ଏହାର ସୁବିଧା ନେବାକୁ କର୍ମକର୍ତାମାନେ ଅନୁରୋଧ କରିଛନ୍ତି । ଏହି ଶିବିର ପରିଚାଳନାରେ ରବିନାରାୟଣ ଭୋଳ, ଗୁଣାକାର ଦେ, ଭାଗିରଥୀ ମହାନ୍ତି, ରବି ନାରାୟଣ ବେହେରା, ସନ୍ତୋଷ ପଣ୍ଡା (ଖ), ଅନନ୍ତ କୁମାର ଦାସ, ପୁରୁଷୋତ୍ତମ ବେହେରା, କ୍ଷେତ୍ରମୋହନ ନାୟକ, ସୁରେନ୍ଦ୍ର ପ୍ରସାଦ ଧଳ, ବିଜନକୃଷ୍ଣ ଘୋଷାଲ୍ ଓ କମଳାକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ସେଇଥ
ଆରମ୍ଭ
SEITHO ARAMBHA
ଗୁରୁବାର, ୦୩ ଅପ୍ରେଲ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭୃତ୍ୟଭାବାପନ୍ନ ଶିକ୍ଷା

ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ । ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ହେଉଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମଂଚନିର୍ଦ୍ଦେଶକ ପରି । ନିଜର ଦାୟିତ୍ୱକୁ ଭୁଲିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ ଲଢ଼ିଛି । ଗମ୍ଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା । ଆଜିର ଚିନ୍ତା ଓ ଚେତନାକୁ ଦେଖିଲେ ଜଣାପଡ଼େ ଯେ, ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସମ୍ମାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ ।' ଆଜି ଲୋକମାନେ ସେମାନଙ୍କର ଦାୟିତ୍ୱ ଭୁଲି ଯାଉଛନ୍ତି । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ପୂଜ୍ୟଶ୍ରୀ କୁମାର ଭାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ବିଶେଷକରି ବିଦ୍ୟାର୍ଥୀ ବିଦ୍ୟାର୍ଥିନୀଗଣ ମାନଙ୍କୁ ଆଧ୍ୟାତ୍ମିକ ଉଦ୍‌ବୋଧନରେ ଉଦ୍‌ଘୋଷଣ କରିଛନ୍ତି । ଏଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ ଜଳ୍ପନା କଳ୍ପନା ହେଉଛି । ଏ ସବୁ ବୃଥା ବ୍ୟାୟାମ । ଆଜି ଆମର କେବଳ ଉତ୍ତମ ଲୋକ ଦରକାର । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକତା ଉପରେ ନିର୍ଭରଶୀଳ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତ୍ତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ । ଛାତ୍ରଠାରେ ଉତ୍ତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତ୍ତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ । ଅତଏବ ମନୁଷ୍ୟକୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକ ବିଶ୍ୱାସ କରିବା ଉଚିତ । 'ହସ୍ତସ୍ୟ ଭୂଷଣଂ ଦାନଂ ସତ୍ୟ କଣ୍ଠସ୍ୟ ଭୂଷଣମ୍ । ଶ୍ରୋତ୍ରସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନମ୍ ।'

ମାନେକଶା..ଭାରତର ପ୍ରଥମ ଫିଲଡ୍ ମାର୍ସଲ

॥ ତପନ କୁମାର ପାଳ ॥

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ । ସେମାନେ ହେଉଛନ୍ତି ସାମ ହୋମୁସଜୀ ଫ୍ରେମଜୀ ଜାମସେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା । ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ । କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ୍ ମାର୍ସଲ ଉପାଧି ପାଇଥିଲେ । ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୁର ଭାବେ ମଧ୍ୟ ଜଣାଶୁଣା । ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଂଚଟି ଯୁଦ୍ଧ ଲଢ଼ି ଥିଲେ । ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ । ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା । ଏହାର ସୁଫଳ ସ୍ୱରୂପ ବାଙ୍ଗଲାଦେଶ ଜନ୍ମ ହୋଇଥିଲା । ୧୯୭୩ ଜାନୁଆରୀ ପହିଲାରେ ତାଙ୍କୁ ଫିଲଡ୍ ମାର୍ସଲ ଉପାଧିରେ ଭୂଷିତ କରାଯାଇଥିଲା । ଏହାଛଡ଼ା ତାଙ୍କୁ ମିଲିଟାରୀ କ୍ରସ୍, ପଦ୍ମ ଭୂଷଣ, ଓ ପଦ୍ମ ବିଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସିନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ । ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍ । ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦକ୍ଷ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକଙ୍କୁ ଏହା ଦିଆଯାଏ ନାହିଁ । ନିଅ, ଜୀବନ ଥାଉ ଥାଉ ଗ୍ରହଣ କର । ହେଲେ ସେ ବର୍ତ୍ତି ଯାଇଥିଲେ ।

ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ରୋଗୀ ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍ପିଟାଲରେ ପହଂଚାଇଥିଲେ । ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ । ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି । ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା । ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର । ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ । ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ । ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ ଜାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତ୍ତି ହୋଇଥିଲେ । ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା । ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ । ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଂଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ । ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି । ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି । ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ;୯୯୩୭୬୫୮୩୬୨ /
୭୯୭୮୭୯୬୬୩୩

ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା

॥ ଡକ୍ଟର ସୁରେଶ କୁମାର ନାୟକ ॥

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ । ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି । ଯାହାଫଳରେ ସେମାନେ ପାଠ ପ୍ରତି ବିତସ୍ପୃହ ହୋଇ ପଡ଼ନ୍ତି । ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ । ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ । ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୁଚାରୁ ରୂପେ ପରିଚାଳନା କରିପାରେ ନାହିଁ । ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ । ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ । ପିଲା ସ୍କୁଲରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧ୍ୟାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର । ସଂଧ୍ୟାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର । ପ୍ରତ୍ୟହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ । ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ । ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାଙ୍କୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ । କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ । ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ । ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ । ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ । କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ । ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି । ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ । ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର । ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର । ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଦରକାର । ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ । ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ । ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ । ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ । ପଢ଼ିବା ସମୟରେ ପିଲା ଯେପରି ଗପସପ ନକରେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପାଠପଢ଼ା ବ୍ୟତୀତ ପିଲାର ଅନ୍ୟାନ୍ୟ ଦିଗରେ ବୌଦ୍ଧିକ ବିକାଶ ହେବା ଦରକାର । ତେଣୁ ଏଥିପାଇଁ ପ୍ରତିଦିନ କିଛି ସମୟ ଖେଳକୁଦ ପାଇଁ ସୁଯୋଗ ଦେବା ଦରକାର । ଫଳରେ ସେ ଅନୁଭବ କରିବ । କିଛି ସମୟ ଟିଭି ଦେଖିବାକୁ ଦେବା ଦରକାର । ତେବେ ସେହି କାର୍ଯ୍ୟକ୍ରମ ଶିଶୁ ସମ୍ବନ୍ଧିତ ହୋଇଥିବା ଦରକାର ବା ସେଥିରୁ କିଛି ଭଲ ଶିକ୍ଷା ମିଳିପାରୁଥିବା ଦରକାର । ଟିଭିରେ ବିଭିନ୍ନ ଧାର୍ମିକ ଧାରାବାହିକ ଦେଉଛି । ଏହାକୁ ପିଲା ଦେଖିଲେ ଭଲ କଥା ଶିଖିବା ସହ ନିଜ ସଂସ୍କୃତି ବିଷୟରେ ଜାଣିବାକୁ ପାଇବ । ପିଲାଟିକୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଆପଣ ତାର ମାର୍ଗ ଦର୍ଶକ ଓ ପ୍ରେରଣାଦାତା ହେବା ସହିତ ଜଣେ ଭଲ ବନ୍ଧୁ ହୁଅନ୍ତୁ । ପିଲାମାନଙ୍କ ସହିତ ଖୋଲା ହୃଦୟର କଥା ହୋଇ ସେମାନଙ୍କୁ ସମାଜର ଉତ୍ତମ ରାସ୍ତାରେ ଚାଲିବା ପାଇଁ ପଥ ପ୍ରଦର୍ଶନ ଏକ ଜୀବନ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ମର୍ମରେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି ସ୍ମରଣୀୟ ଧାଡ଼ି - 'ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର । ପିତାମାତାଙ୍କର ଗଳାରେ, ସେହି କୁସୁମ ହାର । ଶିଶୁଟି ଆହା କି ସୁନ୍ଦର, ମଣି ରଙ୍କ ରତନ, ଅଂଚଳରେ ବାନ୍ଧି ରଖିବ, କରି ଅତି ଯତନ । ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର । ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର । ସର୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ, ତାକୁ ସେ ଯେବେ ନ କରଇ ଯତନ । ଆପେ ହୋଇଥିଲେ ତୁମେ ଗୋ ଦିନେ ଶେଷ ପିଲାଟି, ହାତ ଗୋଡ଼ ଚଳୁ ନଥିଲା ଫିଟୁ ନଥିଲା ପାଟି । ସେ କାଳେ ତୁମର ଜନନୀ ସ୍ନେହେ ଥିବାରୁ ପାଳି, ଆଜି ସିନା ଜୀଇଁ ରହିଛି, ସୁଖେ ବୁଲୁଛ ଖେଳି । ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର । ପାଳିବାର ବିଧିବିଧାନମାନ ହୃଦରେ ଧର ।'

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

ସେଲଫାଇଟିସ୍

॥ ଡାକ୍ତର ଗୁରୁପଦ ମିଶ୍ର ॥

ସୋସିଆଲ ମିଡ଼ିଆରେ ନିଜର ଦୁଃଖ, ପ୍ରେମ, କ୍ରୋଧ, ହତାଶା ଜଣାଇବାର ମାଧ୍ୟମ ଏବେ ଛୋଟ ଗୋଟିଏ ଫଟୋ । ଆଉ ଫଟୋର ଏଇ ଦୁନିଆରେ ସଗର୍ବେ ଘୁରି ବୁଲୁଛି ସେଲଫି ବା ନିଜସ୍ୱୀ । ମନରୋଗ ବିଶେଷଜ୍ଞମାନେ ଅତ୍ୟଧିକ ସେଲଫି ଉଠାଇବାର ମାନସିକତାକୁ ସେଲଫାଇଟିସ ଆଖ୍ୟା ଦେଇଛନ୍ତି । ସେମାନଙ୍କ ମତରେ ସେଲଫି ଉଠାଇବାର ନିଶା ଧୀରେ ଧୀରେ ମାନସିକ ରୋଗ ଆଡ଼କୁ ଅଗ୍ରସର ହେଲାଣି । ବିଶେଷକରି ଯୁବ ପିଢ଼ିଙ୍କ ମଧ୍ୟରେ ଏହା ଏକ ପ୍ରକାର ମାନସିକ ସମସ୍ୟାରେ ପରିଣତ ହୋଇଗଲାଣି । ଭାରତର ଜର୍ଣ୍ଣାଲ ଅଫ ଫ୍ୟାମିଲି ମେଡ଼ିସିନ ଆଣ୍ଡ ପ୍ରାଇମେରି କେୟାରର ସମୀକ୍ଷା ଓ ତାହାର ଫଳ ଅନୁଯାୟୀ ସେଇ ନିର୍ଦ୍ଦିଷ୍ଟ ସମୟରେ ପୃଥିବୀରେ ହାଙ୍ଗର ଆକ୍ରମଣରେ ମୃତ୍ୟୁ ହୋଇଛି ମୋଟ ୫୦ ଜଣଙ୍କର । ଅର୍ଥାତ୍ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ହାଙ୍ଗର ଆକ୍ରମଣକୁ ପାଂ ଗୁଣ ଅଧିକ ପଛରେ ପକାଇ ଦେଇଛି ସେଲଫାଇଟିସ । ମୁଖ୍ୟତଃ ମହିଳା ମାନଙ୍କ ମଧ୍ୟରେ ଏହି ପ୍ରବଣତା ଅଧିକ । ସେଲଫାଇଟିସ ନେଇ ମନରୋଗ ବିଶେଷଜ୍ଞମାନଙ୍କ କହିବା ହେଲା ଏଇ ସେଲଫି ଉଠାଇବା ନିଶାରେ କେବଳ ମୃତ୍ୟୁ ସଂଖ୍ୟା ଦେଖିଲେ ହିଁ ଏହାର ଭୟାବହତା ଆକଳନ କରିବା ସହଜ ନୁହେଁ । ଯେଉଁମାନେ ସେଲଫି ଉଠାଇବାକୁ ଯାଇ କ୍ଷତିଗ୍ରସ୍ତ ହେଉନାହାନ୍ତି ବା ଅଳ୍ପକେ ଯେଉଁମାନେ ରକ୍ଷା ପାଇଯାଉଛନ୍ତି ସେମାନେ ମଧ୍ୟ ଯେ କୌଣସି ଦିନ ଦୁର୍ଘଟଣାର ଶିକାର ହୋଇପାରନ୍ତି । ଏହା ନିଶ୍ଚିତ ଭାବେ ଏକ ମାନସିକ ରୋଗ । ସେଲଫି ଶବ୍ଦଟି କିଛି ବର୍ଷ ଆଗରୁ ଅକ୍ସଫୋର୍ଡ଼ ଡିକ୍ସନାରୀରେ ସ୍ଥାନ ପାଇ ସାରିଛି । ଏବେ ମନରୋଗ ବିଶେଷଜ୍ଞମାନେ ସେଲଫାଇଟିସ ଶବ୍ଦର ବ୍ୟବହାର କରିବା ଆରମ୍ଭ କରିଛନ୍ତି । ସାଧାରଣତଃ ଲୋକମାନେ କେଉଁଠି ବୁଲିବାକୁ ଯାଇଥିଲେ ସେଲଫି ଉଠାଇଥାଆନ୍ତି । ଏହା ସ୍ୱାଭାବିକ । କିନ୍ତୁ ଏହି ସମସ୍ୟାରେ ପୀଡ଼ିତ ଲୋକମାନେ ଦିନକୁ ଶତାଧିକ ସେଲଫି ନେଇଥାନ୍ତି । କେବଳ ସେଲଫି ଉଠାଇ ନଥାନ୍ତି । ଏହାର ଫଟୋ ମଧ୍ୟ ତୁରନ୍ତ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିଥାଆନ୍ତି । ଲାଇକ ନ ମିଳିଲେ ହତାଶ ହୋଇଯାଆନ୍ତି । ଯୁବପିଢ଼ି ଠାରେ ଏହି ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି ।

ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,

ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ

॥ ଅଜୟ କୁମାର ବେହେରା ॥

ସଂପ୍ରତି ଏ ସମୟରେ ମୋବାଇଲ ଫୋନରେ ୱାଟସପ୍ ମଂଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ହଟଚମଟ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି । ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର । ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଂଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି ।

ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଂଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ । ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ । ଶନିଙ୍କର ସପ୍ତା, ଢ଼ାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ । ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨୭/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି । ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗୀଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି । ପୁଣି ଏ ମଧ୍ୟରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି । ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି । ୩ ଏକ ରାଶିରେ ୮ କକ୍ଷା ଅଛି । ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା । ଯଦି ଏ ମଧ୍ୟରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ । ଯଦି କିଛି ଶୁଭ କକ୍ଷା ଥାଏ ତେବେ ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି । ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମାସ୍ଟା ୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି । ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ । ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି । ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର ।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦ୍ଦିଷ୍ଟ ଭାବକୁ ଆସିଯାଆନ୍ତି । ପୁଣି ଶନିଙ୍କର ଜଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି । ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି । ଏହି ସ୍ଥଳରେ ୧୫/୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ । ଚାଣକ୍ୟ ନୀତିରେ ଅଛି ଲାଳୟତ ପଂଚ ବର୍ଷାଣି । ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ । ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସିକ ସ୍ତରରେ ତାର ବୋଧଶକ୍ତି ନଥାଏ । ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୂଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ । ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ । ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି । ବ୫ର୍ଷରୁ ବ୧୫ର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆଜଟ କରାଯାଏ । ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟ,୩ୟ। ୪ର୍ଥ। ୫ମ ଘରେ ଗତି କରୁଥାନ୍ତି । ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ । ଏ ସବୁ ପାଇଁ ମୁରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ବାର ବିଦ୍ୟାର ପରୀକ୍ଷା ଆଦି ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷ ପୁତ୍ରଂ ମିତ୍ର ସଦାଚରେତ । ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ । ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧ୍ୟରେ ଆସୁଛି । ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି । ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତ୍ରୁଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ଚକ୍ରାଳ ମିତ୍ର ଚକ୍ରାଳ ଶତ୍ରୁ ସ୍ଥାନ ଅଛି । ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ ।

କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ । ଉଦଯୋଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ । ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ । ହେଲା କଲେ ହେଳା ବୁଡ଼େ । ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ । ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛଆଣି ନକରିବା । ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଲୁ କାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ । ରେଳେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ । ଚୋରମାନେ କଳାକନା ବୁଲାନ୍ତି । ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ ।

ଯେ ପାଂଚ ପରମନ୍ଦ ତା ମନ୍ଦ ପାଂଚନ୍ତି ଠେଙ୍ଗାବାଡ଼ି । ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି । ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଲିକ ଲାଠିଆଳ ଶନିଷ୍ଣର ଦଣ୍ଡଧାରୀ । ଧନୁରା କୃତି ମଣ୍ଡଳ ଶନିଙ୍କର । ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଅଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ଚାବିକାଠି ହିଁ ଧନୁରାତିକୃତି । ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ଚାବିକାଠି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରୀ ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି ।

ସଂକୁଚିତର ମାଲିକ ଶନି ଖର୍ଚ୍ଚକାଟ କରି ସଂଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ । ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି । ଅଳ୍ପକଥାରେ ବିଚାରପତିଙ୍କ ସମାନ ଅତି ଉର୍ଦ୍ଧ୍ୱରେ । ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖୀ । ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଳୁଣୀଙ୍କ କୁଡ଼ିଆ ଘରକୁ ଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ । ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ । ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି ।

ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି । ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି । ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି । ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ । ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ । ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ ।

ମେଦିନୀୟ

ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା । ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଡ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥ୍ୱୀ ରାଶି ରହେ । ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ । କୁହାଯାଏ ଆକାଶରୁ ମହଙ୍ଗା । ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ । ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ୍ୟ ।

ବରେଣ୍ୟ ବାଣୀ' ପିସି ସରକାର ଲେନ, ଅରୁଣୋଦୟ ମାର୍କେଟ,
କଟକ,
ଦୂରଭାଷ;୯୪୩୭୦୩୧୨୫୩

ସରକାରୀ ପ୍ରାଥମିକ ବିଦ୍ୟାଳୟ ବାରାଯୋଡ଼ିର ଆମ ଖେଳ ଆମ ସଂସ୍କୃତି, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

ଖଇରା,୦୨/୦୪ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରି କ୍ଲଷ୍ଟର ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାରାଯୋଡି ପରିସରରେ ଆମ ଖେଳ ଆମ ସଂସ୍କୃତି, ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୁଟୀରପାଳ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିନ୍ତାମଣୀ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ପ୍ରାଣବନ୍ଧୁ ସେଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ଗୀତାଞ୍ଜଳି ବେଦାନ୍ତ, ସାମ୍ବାଦିକ ନରେନ୍ଦ୍ର ପ୍ରସାଦ ବେହେରା ଓ ଆଲୋକମୟ ପଣ୍ଡା ଯୋଗଦେଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ୪ଜଣ ପିଲାଙ୍କୁ ଖଡ଼ିଛୁଆଁ କରାଯାଇଥିଲା । ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ସନ୍ଧ୍ୟାରାଣୀ ଜେନା, ତୁଳସୀ ବେହେରା ଓ ଶୁଭଶ୍ରୀ ମଲ୍ଲିକ । ବାରାଯୋଡି ଓ ପଟାଗଡିଆ ଅଙ୍ଗନବାଡ଼ି କର୍ମୀ, ଅଭିଭାବକ, ଅଭିଭାବିକା, ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ମାନଙ୍କୁ ମଂଚାସୀନ ଅତିଥିମାନେ ଟ୍ରଫି, ଖାତା ଓ କଲମ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ ଖୁବ୍ ଉଚ୍ଚ ମାନର ପ୍ରଦର୍ଶିତ ହୋଇଥିଲା । ମୋଟ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ଗେଟ୍ ସାମ୍ନାରେ ଶିକ୍ଷକ ଓ ଅଭିଭାବକଙ୍କ ଦ୍ୱାରା ପ୍ରବେଶ ଉତ୍ସବ ରଥକୁ ସ୍ୱାଗତ କରାଯାଇଥିଲା ।

ଦେଉଳାହାଟରେ ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୦୨/୦୪ (ଆ.ପ୍ର) : ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ପଂଚାୟତ ଦେଉଳାହାଟ ଠାରେ ୫୦ ତମ ଉତ୍କଳ ଦିବସ ଉଦଘାଟିତ ହୋଇଯାଇଛି । ଏହି ସୁବର୍ଣ୍ଣ ଜୟନ୍ତୀ ଅବସରରେ ଉତ୍କଳ ଦିବସ ପାଳନ କମିଟି ତାର ସୁବର୍ଣ୍ଣ ଜୟନ୍ତୀ ମହାଧୁମଧାମରେ ପାଳିତ କରୁଛି । ୫ ଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବରେ ଭାରତଜ୍ୟୋତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଚିକିତ୍ସକ ଡା. ଶ୍ରୀଶ କୁମାର ଦାଶ ମଂଚ ଉଦଘାଟନ କରିଥିଲେ । ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଜଗନ୍ନାଥ ସଂସ୍କୃତି ଗବେଷକ ଡ଼. କୃଷ୍ଣ କେଶବ ଷଡ଼ଙ୍ଗୀ, ଉଦଘାଟକ ତଥା ବିଶିଷ୍ଟ ଅତିଥିଭାବେ ବିଶିଷ୍ଟ ଚିକିତ୍ସକ ଡା. ଶ୍ରୀଶ କୁମାର ଦାଶ, ମୁଖ୍ୟବକ୍ତାଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ବକ୍ତାଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇ ମାଆ ମାଟି ଓ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ସମସ୍ତ ଓଡ଼ିଆଙ୍କ ଏକାନ୍ତ ଚିତରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କବି, ଗାଳ୍ପିକ ଓ ସାହିତ୍ୟିକ ଅରୁଣ କୁମାର ଦାସ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିକ୍ଷକବିତ ତଥା ଉତ୍ସବ କମିଟି ସଭାପତି ପ୍ରମଥ କୁମାର ଗିରିଙ୍କୁ ଉତ୍କଳ ଦିବସ କମିଟି ପକ୍ଷରୁ ଉତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବ କମିଟିର ଉପସଭାପତି ହରିପଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ କମିଟିର ସାଧାରଣ ସମ୍ପାଦକ ସୁକୁମାର ଜେନା ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ସର୍ବଶେଷରେ ଉତ୍ସବ କମିଟିର ସଦସ୍ୟ ନିଶେଷ ଦେବ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଉତ୍କଳ ଦିବସ କମିଟି ପକ୍ଷରୁ ଛୋଟ ଛୋଟ ପିଲା ମାନଙ୍କ ନାଚ, ଗୀତ ଅନୁଷ୍ଠିତ ହୋଇଥିଲା । ଉତ୍କଳ ଦିବସ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଉତ୍ସବ କମିଟି ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ୫ ଦିନଧରି ଫ୍ରି କଳିଙ୍ଗ ଲଟାରୀ କୁପନ ସହିତ ୩ ଜଣ କୁପନ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ । ପ୍ରଥମ ଉଦଘାଟନୀ ଦିବସରେ ୩ଜଣ କୁପନ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଛି । ପରେ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ । ଏହି ଅବସରରେ ସକାଳ ଉତ୍କଳମଣି ଗୋପବନ୍ଧୁ ଦାସ, ଜାତିର ପିତା ମହାତ୍ମା ଗାନ୍ଧୀ ଓ ମଧୁସୂଦନ ରାଓଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କମିଟିର ସଭାପତି ପ୍ରମଥ କୁମାର, କମିଟିର ଉପସଭାପତି ଅନାଦି ରଞ୍ଜନ ଦାସ ମହାପାତ୍ର, ସମ୍ପାଦକ ସୁକୁମାର ଜେନା, କୋଷାଧ୍ୟକ୍ଷ ଅରୁଣ କୁମାର ଦାସ, ସଭ୍ୟ ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ଶକ୍ତିପଦ ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଂଚ ମମତା ସାହୁ, ଶ୍ରୀକୁମାର ଘୋଷ, ହରିପଦ ସାହୁ, ପ୍ରଦୀପ ପାତ୍ର, ନିଶେଷ ଦେବ, ଗଙ୍ଗୋଦୋକ ଜେନା, ସଞ୍ଜୟ ପାତ୍ର, ଜାମସେଦ ଅଲ୍ଲୀ ଖାଁ, ଚତୁର୍ଭୁଜ ଜେନା, ମନୋରଞ୍ଜନ ଘରାଇ, ପ୍ରଭୁରାମ ଦାସ, ରାଜକିଶୋର ନାୟକ, ବାବଲ ଦିଣ୍ଡା, ଅରବିନ୍ଦ ଡୋଳା, ତାପସ ଚନ୍ଦ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଉତ୍ସବ କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ନୀଳଗିରି କେ ସି ହାଇ ସ୍କୁଲ ପରିସରରେ ପ୍ରବେଶିକା ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୨/୦୪ (ଆ.ପ୍ର) : ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ବାଲ ବାଟିକା ଯୋଜନାରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଉତ୍ସବ ସମଗ୍ର ରାଜ୍ୟରେ ପ୍ରତ୍ୟେକ ପ୍ରାଥମିକ ସ୍କୁଲରେ ପାଳନ କରା ଯାଇଛି । ସେହି କ୍ରମରେ ନୀଳଗିରି କେ ସି ହାଇ ସ୍କୁଲ ପରିସରରେ କୁନି କୁନି ପିଲା ମାନଙ୍କର ପ୍ରବେଶିକା ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହା ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ପାଳନ କରା ଯାଇଥିବା ଜଣା ଯାଇଛି । ଏଥି ନିମନ୍ତେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ୍ ଦାସ, ବ୍ଲକ୍ ଶିକ୍ଷାଧିକାରୀଣି ସ୍ନିଗ୍ଧା ପଣ୍ଡା, ବ୍ଲକ ଚେୟାରମେନ ଶୁଭ ଲକ୍ଷ୍ମୀ ମାଝୀ, ଏନ୍ଏସି ଚେୟାରମ୍ୟାନ ମହେନ୍ଦ୍ରନାଥ ବେହେରା, ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ, ସୁରଞ୍ଜନ ମହାପାତ୍ର, ଲକ୍ଷ୍ମୀଧର ରାଉତ ପ୍ରମୁଖ ମଂଚାସିନ ଥାଇ, ରାଜ୍ୟ ସରକାରଙ୍କ ବାଲବାଟିକା ଯୋଜନାରେ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ରଖିଥିଲେ । କୁନି ପିଲାଟି ଯେତେବେଳେ ଶିକ୍ଷାରମ୍ଭ କରେ, ସ୍ଲେଟ୍ ରେ ତିନୋଟି ଗୋଲ ବୁଲେଇ(ଶୁନ ମୁଣ୍ଡଳା) ବ୍ରହ୍ମ ବିଷ୍ଣୁ ମହେଶ୍ୱର କହି ବିଦ୍ୟାରମ୍ଭ କରିଥାଏ ଯାହା ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଜିର କାର୍ଯ୍ୟକ୍ରମରେ ଅତିଥି ମାନେ ମତ ପ୍ରକାଶ କରିଥିଲେ । ୧୫ ରୁ ଉର୍ଦ୍ଧ୍ୱ ଶିଶୁ ମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନେ ଖଡ଼ି ଛୁଆଁ କରାଇ ଥିଲେ । ଯୋଉଥିରେ ଅନେକ ଅଭିଭାବକ ଏପରି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିବା ଦେଖା ଯାଇଛି । ଅନ୍ୟ ପକ୍ଷରେ ହାଇ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଦେଖା ଯାଇଛି ।

୨୪ ତମ ପାର୍ଟି କଂଗେସ ପାଇଁ ସିପିଆଇଏମ ଦଳ ପକ୍ଷରୁ ନୀଳଗିରିର ବିଭିନ୍ନ ସ୍ଥାନରେ ଲାଲ ପତାକା ଉତୋଳନ

ନୀଳଗିରି, ୦୨/୦୪ (ଆ.ପ୍ର) : ୨୪ତମ ପାର୍ଟୀ କଂଗ୍ରେସ ପାଇଁ ସିପିଆଇ (ଏମ)ଦଳ ତରଫରୁ ନୀଳଗିରି ରେ ବହୁ ସ୍ଥାନ ରେ ଲାଲ ପତାକା ଉତୋଳନ କରାଯାଇଛି । ସିପିଆଇ(ଏମ) ର ୨୪ ତମ ପାର୍ଟୀ କଂଗ୍ରେସ ତାମିଲନାଡୁର ମଦୁରାଇ ଠାରେ ୨୪ତାରିଖ ରୁ ଆରମ୍ଭ ହୋଇ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ । ସେଠାରେ ଦେଶର ପରିସ୍ଥିତି ଉପରେ ଆଲୋଚନା ହୋଇ ଆଗାମୀ ଦିନରେ ଦଳ ତରଫରୁ ପଦକ୍ଷେପ ନେବାପାଇଁ ନିଷ୍ପତି ଗ୍ରହଣ କରିବ । ମୋଦୀ ସରକାର କ୍ଷମତାକୁ ଆସିବା ପରେ ଦେଶର ଗରିବ, ଚାଷୀ, ଶ୍ରମିକ ମାନଙ୍କ ଉପରେ ଆକ୍ରମଣ ଚାଲିଛି । ଦେଶର ରାଷ୍ଟ୍ରୀୟ ସମ୍ପତିକୁ କମ୍ପାନୀ ମାନଙ୍କୁ ବିକ୍ରି କରାଯାଇଛି । ଦେଶର ସମ୍ବିଧାନ ସୁରକ୍ଷିତ ନୁହେଁ । ଏହି ପରିପ୍ରେକ୍ଷୀରେ ନୀଳଗିରିରେ ଦଳର କାର୍ଯ୍ୟାଳୟ ସମେତ ବହୁ ସ୍ଥାନ ରେ ଲାଲ ପତାକା ଉତୋଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠୀ, ନରୋତମ ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ କାଳିଆ ପାତ୍ର, ଲକ୍ଷ୍ମୀଧର ସାହୁ, ଅମର ନାୟକ, ଉଗ୍ରସେନ ଦାସଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

କେଶରୀପୁରରେ ଶ୍ରୀରାମ ନବମୀ ଉପଲକ୍ଷେ ସାମୁହିକ ହନୁମାନ ଚାଳିଶା ପାଠ ଏବଂ ରକ୍ତଦାନ ଶିବିର

ସୋର,୦୨/୦୪ (ଆ.ପ୍ର) : ସୋର, ଆଗାମୀ ଏପ୍ରିଲ ୬ ତାରିଖ ପବିତ୍ର ଶ୍ରୀରାମ ନବମୀ ଅବସରରେ ଫଟାଅର୍ଜୁନ ଛକ, କେଶରୀପୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ ର ଧର୍ମ ପ୍ରସାର ବିଭାଗ ତରଫରୁ ୧ ଏପ୍ରିଲରେ ପୂଜାର୍ଚ୍ଚନା ସହିତ ସୋର ପ୍ରଖଣ୍ଡ ସ୍ତରୀୟ ସାମୁହିକ ୧୦୮ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଏକ ଧର୍ମ ସଭାରେ ନବ ନିଯୁକ୍ତ ଜିଲ୍ଲା ସହ ପରାବର୍ତନ ପ୍ରମୁଖ ରାକେଶ ମଳିକ ସଂଯୋଜନା କରିବା ସହିତ ଉତ୍କଳ ପୂର୍ବ ପ୍ରାନ୍ତର ସହ ସହ୍ମ ସମ୍ପର୍କ ପ୍ରମୁଖ ବଳଭଦ୍ର ଶତପଥି, ପ୍ରାନ୍ତ ନିଧି ପ୍ରମୁଖ ସଂଗ୍ରାମ ପତି, ପ୍ରାନ୍ତ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ଜିଲ୍ଲା ପ୍ରମୁଖ କୁମୁଦ ରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ସହ ପ୍ରମୁଖ ମଣିଭଦ୍ର ମହାପାତ୍ର, ଜିଲ୍ଲା ପରିଯୋଜନା ପ୍ରମୁଖ ରାଜକିଶୋର ରାଉତ, ନଗର ସହ ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ, ସହ ପ୍ରଶାସନିକ ପ୍ରମୁଖ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ଓଉପଦା ପ୍ରଖଣ୍ଡ ପ୍ରମୁଖ ମହେଶ୍ୱର ମାଝୀ, ବାହାନଗା ପ୍ରଖଣ୍ଡ ସତସଙ୍ଗ ପ୍ରମୁଖ ସନାତନ ଦାସ, ଜନାର୍ଦ୍ଦନ ନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ହିନ୍ଦୁ ଧର୍ମର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ସୋର ପ୍ରଖଣ୍ଡ ପ୍ରମୁଖ ବିଜୟକୁ ନାୟକ ଧନ୍ୟବାଦ ପ୍ରଦାନ କରିବା ପରେ ସମବେତ ସମସ୍ତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ସେହିପରି ଏପ୍ରିଲ ୨ ରେ ବିଗ୍ ବସ୍ ଆସୋସିଏସନର ସହଯୋଗରେ କେଶରୀପୁର ଶ୍ରୀରାମ ସେନା ତରଫରୁ ବରିଷ୍ଠ ରକ୍ତଦାତା ତଥା ଜଣାଶୁଣା ପ୍ରସ୍ତର କାରିଗର ନରେନ୍ଦ୍ର ସାମଲଙ୍କ ସଂଯୋଜନାରେ କେଶରୀପୁର ଜନ ସ୍ୱାସ୍ଥ୍ୟକେନ୍ଦ୍ର ରେ ଏକ ରକ୍ତଦାନ ଶିବିରକୁ ମିଳିତ ଭାବେ ଉଦଘାଟନ କରିଥିଲେ ଉତ୍କଳ ପ୍ରାନ୍ତ ହିନ୍ଦୁ ଧର୍ମ ପ୍ରଚାର ବିଭାଗର ସଂଯୋଜକ ସଞ୍ଜୟ କୁମାର ଦାସ, ସମାଜସେବୀ ରାକେଶ ମଳିକ, ସରପଂଚ ନରେନ୍ଦ୍ର ବିଶ୍ୱାଳ, ସମିତି ସଭ୍ୟ ମୁକେଶ ମଳିକ, କେଶରୀପୁର ଡାକ୍ତରଖାନାର ନରସିଂ ଅଫିସର କ୍ରିଷ୍ଣା ତ୍ରିପାଠୀ ଏବଂ ଶୁଭସ୍ମିତା ନାୟକଙ୍କ ସହିତ ବରିଷ୍ଠ ସମାଜସେବୀ ମହେନ୍ଦ୍ର ସାହୁ, ଲକ୍ଷ୍ୟର ପରିଚାଳନା ନିର୍ଦ୍ଦେଶକ କବିନ୍ଦ୍ର ପଣ୍ଡା । ବାଲେଶ୍ୱର ରେଡକ୍ରସର ଟେକ୍ନିସିଆନ ଦେବାଶିଷ ଦତ ଏବଂ ତାଙ୍କର ଷ୍ଟାଫ ମାନେ ରକ୍ତଦାତା ମାନଙ୍କୁ ଠାରୁ ରକ୍ତ ଗ୍ରହଣ କରିବା ସହିତ ଏହି ଶିବିରରୁ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଉଭୟ କାର୍ଯ୍ୟକ୍ରମ କୁ କେଶରୀପୁର ଶ୍ରୀରାମ ସେନା ଏବଂ ବିଗ୍ ବସ୍ ଆସୋସିଏସନର କାର୍ଯ୍ୟକର୍ତା ରଘୁନାଥ ମଳିକ, ସୁରେନ୍ଦ୍ର ଘଡେଇ, ବିକ୍ରମ ମଳିକ, ଗୋପୀନାଥ ସାମଲ, ଜୟନ୍ତ ସାହୁ, ଗିତା ଦେବଗୋସ୍ୱାମୀ, ମମା ସାମଲ, ହରିଶ୍ଚନ୍ଦ୍ର ଖୁଂଟିଆ, ସନ୍ଦୀପ ମଳିକ, ପ୍ରଭାକର ମଳିକ, ଜୟନ୍ତ ମଳିକ, ଜୟନ୍ତ ନାୟକ, ବନମାଳୀ ମଳିକ, ବସନ୍ତ ଦାସ, ମକ ମଳିକ ପ୍ରମୁଖ ପରିଚାଳନା କରିଥିଲେ ।

ପରିବେଶ ସ୍ୱଚ୍ଛତା ଉପରେ ଓୟୁଜେର ଗୁରୁତ୍ୱ

ବାହାନଗା, ୦୨/୦୪ (ଆ.ପ୍ର) : ସମୁଦ୍ର ଉପକୂଳବର୍ତୀ ଗ୍ରାମବାସୀ,ପର୍ଯ୍ୟଟକ, ବେଳାଭୂମି ରେ ଭୋଜି କରୁଥିବା ଛାତ୍ର ଛାତ୍ରୀ,ଯୁବକ ଓ ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ବେଳାଭୂମି ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ଜନ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଓଡ଼ିଶା ସାମ୍ବାଦିକ ୟୁନିଅନ ବାହାନଗା ଶାଖା ଓ ଆରୁହାବାଡ ଗ୍ରାମପଂଚାୟତର ମିଳିତ ସହଯୋଗରେ ବୁଧବାର ଗୁପଖଣ୍ଡ ବେଳାଭୂମିର ପାଣ୍ଡବ ଘାଟର ବାରୁଣୀ ପଡିଆରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେଳାଭୂମିର ପରିବେଶ ସୁରକ୍ଷିତ ରହିଲେ ଅଧିକରୁ ଅଧିକ ପର୍ଯ୍ୟଟକ ଆସିପାରିବେ ସଂପୃକ୍ତ ସ୍ଥାନର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା । ଅଗଭୀର ସମୁଦ୍ର ବେଳାଭୂମିରେ ବୁଲିବାର ମଜା ନେବାକୁ ହେଲେ ତାର ପରିବେଶ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ନମିତା ରାଣୀ ବିଦ୍ଧାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ,ବରିଷ୍ଠ ସଦସ୍ୟ କହ୍ନେଇ ଚରଣ ପ୍ରଧାନ,ବାହାନଗା ବ୍ଲକ ଶାଖାର ସଂଯୋଜକ ସୋମନାଥ ସାହୁ,ବରିଷ୍ଠ ସଦସ୍ୟ ଅରୂପ ଦାସ, ଗୁଟିକ ରଞ୍ଜନ ମହାପାତ୍ର, ଶିଶିର କୁମାର ରାଉତ, ଜୟଦେବ ଆଚାର୍ଯ୍ୟ, ପାଣ୍ଡବ ବାରୁଣୀ ଘାଟର ସମ୍ପାଦକ କଳାନ୍ଦ୍ରୀ ଚରଣ ମହାପାତ୍ର, ଗ୍ରାମ ପଂଚାୟତର ୱାର୍ଡ ସଭ୍ୟ /ସଭ୍ୟା ତଥା ଆରୁହାବାଡ଼ ଗ୍ରାମପଂଚାୟତର ନାଏବ ସରପଂଚ ନାରାୟଣ ମହାଳିକ, ୱାର୍ଡସଭ୍ୟା ଜୟନ୍ତୀ ମହାଳିକ, ବିଦ୍ୟାଧର ମାଝୀ, ଗୁରୁପ୍ରସାଦ ମହାପାତ୍ର, ସୀତାନାଥ ବେହେରା, ରାମଚନ୍ଦ୍ର ମହାଳିକଙ୍କ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ପ୍ରଫେସନାଲ ଫଟୋଗ୍ରାଫର ଟିମ ପକ୍ଷରୁ ଥଣ୍ଡା ପାନୀୟ ବଂଟନ

ଜଗତସିଂହପୁର, ୦୨/୦୪ (ଆ.ପ୍ର) : ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଲଗାତର ଦୁଇ ବର୍ଷ ହେବ ପ୍ରଫେସନାଲ ଫଟୋଗ୍ରାଫର ଟିମ(ପିପିଟି) ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଇଡା ପାଣି, ଟଙ୍କ ତୋରାଣି, ଥଣ୍ଡା ପାନୀୟ ପ୍ରଦାନ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଗତ ୩୦ ତାରିଖ ରବିବାର ଦିନ ପ୍ରଥମେ ପୁରୀ ବଡ଼ଦାଣ୍ଡରେ ଭକ୍ତ ମାନଙ୍କୁ ଥଣ୍ଡା ପାଣି ବୋତଲ ବଂଟନ କରାଯାଇଥିଲା । ଏଥିରେ ପିଏମଓର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଶାନ୍ତ ମହାନ୍ତି, ଟିଟୋ ଭାଇ ଏବଂ ପିପିଟିର ସଭାପତି ବିଏନଏନ ପାପୁ, ସମ୍ପାଦକ ବିଶ୍ୱକେତନ, କୋଷାଧ୍ୟକ୍ଷ ପ୍ରଦୀପ, ଅଜୟ, ବିକୁ ଦା, ବେଣୁ, ସତ୍ୟପ୍ରକାଶ, ବରୁଣ, ଅବିନାଶ ପାତ୍ର, ଗିଂଟୁ ଭାଇ,ଚିତରଞ୍ଜନ ପାତ୍ର, ଶିବଦତ ଖଣ୍ଡୁଆଳ ଓ ଜିନୁ ପ୍ରମୁଖ ସାମିଲ ରହି ଥଣ୍ଡା ପାନୀୟ ବିତରଣ କରିଥିଲେ ।

ରୋଚକ ମୋଡ଼ରେ କୁକୁଡ଼ାଖଣ୍ଡି ବ୍ଲକ ରାଜନୀତି ଅଧକ୍ଷ ପଦ ହାତେଇବା ଲକ୍ଷ୍ୟରେ ବିଜେପିର ଦୁଇ ଗୋଷ୍ଠୀ

କୁକୁଡାଖଣ୍ଡି, ୦୨/୦୪ (ଆ.ପ୍ର) : ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କୁକୁଡ଼ାଖଣ୍ଡି ବ୍ଲକ ରାଜନୀତିକୁ ନେଇ ବିଜେପିରେ ବର୍ତମାନ ଛକାପଂଝା ଚାଲିଛି । ଏବେ ଗୋଟିଏ ପଟେ ଅଙ୍କୁଶପୁର ସମିତି ସଭ୍ୟା ସୁନିତା ସେଠି ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଯାତ୍ରା କରି କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଛନ୍ତି । ଅନ୍ୟପଟେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ଯିଏ କି ବ୍ଲକ ଅଧକ୍ଷଙ୍କ ଅକାଳ ବିୟୋଗ ପରେ ଭାରପ୍ରାପ୍ତ ଅଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ସେ ମଧ୍ୟ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଗସ୍ତରେ ଯାଇ ରାଜ୍ୟ ଖଣିଜ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୁତି ଭୂଷଣ ଜେନା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଛନ୍ତି । କିନ୍ତୁ ଏଠାରେ ଆଲୋଚନାର ବିଷୟ ହେଉଛି, ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଟାଣୁଆ ବିଜେଡ଼ି ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟରେ ବିଷ୍ଣୁ ପ୍ରିୟା ପାତ୍ର ଏବଂ ସୁନିତା ସେଠି ବ୍ଲକ ଅଧକ୍ଷ ପଦ ନିମନ୍ତେ ଜୋରଦାର ପ୍ରୟାସ କରିଥିଲେ ଓ କିନ୍ତୁ ପରବର୍ତି ମୁହୂର୍ତରେ ଦ୍ୱିତୀୟ ଥର ପାଇଁ ଅଧକ୍ଷ ପଦ ହାତେଇ ନେଇଥିଲେ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ର । ଏବଂ ସେତେ ବେଳେ ବିଷ୍ଣୁପ୍ରିୟା ପାତ୍ର ଆପୋଷ ବୁଝାମଣାରେ ଉପଧକ୍ଷା ପଦରେ ସନ୍ତୁଷ୍ଟ ରହିଥିଲେ । ବର୍ତମାନ ବିଷ୍ଣୁ ପ୍ରିୟା ଏବଂ ସୁନିତା ଉଭୟ ବିଜେଡ଼ି ସମର୍ଥିତ ହୋଇଥିବା ବେଳେ, ପରିବର୍ତନ ସୁଅରେ ବର୍ତମାନ ବିଜେପି ରାଜ୍ୟ କ୍ଷମତାରେ ରହିଛି । ତେଣୁ ବିଷ୍ଣୁ ପ୍ରିୟା ଓ ସୁନିତା ଉଭୟ ବ୍ଲକ ଅଧକ୍ଷ ପଦ ହାତେଇବା ଲକ୍ଷ୍ୟରେ ନିଜ ସମର୍ଥକଙ୍କ ସହ ବିଜେଡ଼ି ଦଳ ଛାଡ଼ି ନିଜ ସ୍ୱାର୍ଥ ପାଇଁ ବିଜେପି ଶିବିରକୁ ଲମ୍ଫ ମାରିଛନ୍ତି ଓ ସୁନିତା ପ୍ରଥମେ ବିଜେପିରେ ଯୋଗଦେବାର ଗୋଟିଏ ଦିନପରେ ବିଷ୍ଣୁପ୍ରିୟା ତରବରିଆ ଭାବରେ ବିଜେପିରେ ଯୋଗ ଦେଇଛନ୍ତି । ବର୍ତମାନ କ୍ଷମତା ଲୋଭରେ ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢେଇ ଚାଲିବ ବୋଲି ଅଂଚଳବାସୀ ଚୁପ୍‌ଚୁପ୍ ହେଉଛନ୍ତି । କିନ୍ତୁ ଏଠାରେ ଆଲୋଚନା ହେଉଛି ଯେ, ଅଧକ୍ଷ ପଦ କିଏ ହାତେଇବ ! ଦିଲ୍ଲୀ ଯାଇ ବିଜେପିରେ ଯୋଗ ଦେଇଥିବା ସୁନୀତା ଗୋଷ୍ଠିକୁ ମିଳିବ ନା ଭୁବନେଶ୍ୱର ଯାଇ ବିଜେପିରେ ସାମିଲ୍ ହୋଇଥିବା ବିଷ୍ଣୁ ପ୍ରିୟା ଗୋଷ୍ଠିକୁ ସମର୍ଥନ ମିଳିବ ତାହା ନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ୯ ମାସ ଧରି ଅଧକ୍ଷ ପଦ ଖାଲି ପଡ଼ିଛି । ଅନ୍ୟ ପକ୍ଷରେ କୁକୁଡାଖଣ୍ଡି ବିଡ଼ିଓ ଖାଲି ପଡ଼ିଥିବା ଅଧକ୍ଷ ପଦର ଫାଇଦା ଉଠାଇ ଏକ ତରଫା ହିଟଲର୍ ଶାସନ ଜାରୀ ରଖିଥିବା ନେଇ ବୁଦ୍ଧିଜିବୀ ଓ ସ୍ଥାନୀୟ ଗଣ ମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ! ଏହି ଅଧକ୍ଷ ପଦ କେବେ ପୂରଣ ହେବ ତାହା ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜରଡ଼ା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଲେ ବିଧାୟକ ଓ ବିଧାୟକ ପ୍ରାର୍ଥୀ



ପାତ୍ରପୁର, ୦୨/୦୪ (ଆ.ପ୍ର) : ପାତ୍ରପୁର ବ୍ଲକ ଅନ୍ତର୍ଗତ ଜରଡ଼ା ହରିଜନ ସାହି ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସରେ ପ୍ରଥମେ ବିଧାୟକ ମନୋରଂଜନ ଦ୍ୟାନ୍ ସାମନ୍ତରା ଯୋଗ ଦେଇଥିବା ବେଳେ ବାଦ୍ୟ ବାଜଣା ସହିତ ସ୍ୱାଗତ କରାଯାଇଥିଲା । ବିଧାୟକଙ୍କ ସହ ସରପଂଚ ତିନ ବେହେରା ସମିତି ସଭ୍ୟ ସନ୍ତୋଷ ପ୍ରଧାନ, ନାଏବ ସରପଂଚ ମାଧବ ବାଡତ୍ୟା ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ପାତ୍ର, ଶଶାଙ୍କ କୁମାର ପ୍ରଧାନ ରବୀନ୍ଦ୍ର ପ୍ରଧାନଙ୍କୁ ଉତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ସେହିପରି ବିଧାୟକ ପ୍ରାର୍ଥୀ ଚିନ୍ମୟା ନନ୍ଦ ଶ୍ରୀରୂପ ଦେଓଙ୍କୁ ମଧ୍ୟ ସ୍ୱାଗତ କରାଯାଇ ଥିଲା । ପଣ୍ଡିତ ବିଶ୍ୱନାଥ ପାଢ଼ୀ ଓ ତାଙ୍କ ସାଥୀ ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଦ୍ୱିତୀୟ ଦିବସରେ ନାମ ଯଜ୍ଞ ଆରମ୍ଭ ହୋଇଥିଲା । ଏହି ପ୍ରତିଷ୍ଠା କାର୍ଯ୍ୟକୁ ହରିଜନ ସାହିର ଆବାଳ ବୃଦ୍ଧ ବନିତା ସହଯୋଗ କରୁଥିବା ବେଳେ ନରସିଂହ ପୁର ଗ୍ରାମବାସୀ ଓ ଅଂଚଳବାସୀ ମଧ୍ୟ ସହଯୋଗ କରୁଛନ୍ତି ।

ମାନପୁର ରେଳ ଓଭର ବ୍ରିଜରେ ଭାରୀ ଯାନବାହାନ ଚଳାଚଳ ଉପରେ କଟକଣା

ଯାଜପୁର, ୦୨/୦୪ (ଆ.ପ୍ର) : ମାନପୁର ରେଳ ଓଭର ବ୍ରିଜରେ ଭାରୀ ଯାନବାହାନ ଚଳାଚଳ ଯୋଗୁଁ ସକାଳ ୭.୦୦ ରୁ ୯.୦୦ ଏବଂ ସନ୍ଧ୍ୟା ୫.୦୦ ରୁ ସନ୍ଧ୍ୟା ୭.୦୦ ପର୍ଯ୍ୟନ୍ତ ଟ୍ରାଫିକ ଜାମ ଏବଂ ସଡ଼କ ଦୁର୍ଘଟଣାର ସମ୍ଭାବନା ସୃଷ୍ଟି ହେଉଥିବାରୁ ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ନିରାପତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଅଧ୍ୟକ୍ଷା, ଆରଟିଏ, ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମଟର ଯାନ ନିୟମ, ୧୯୯୩ ର ପ୍ରଦତ ନିୟମ ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ, ୧୯୮୮ ଧାରା ୧୧୫,୧୬, ୧୧୭ ଅନୁଯାୟୀ ମାନପୁର ରେଲୱେ ଓଭର୍ ବ୍ରିଜରେ ପୂର୍ବାହ୍ନ ୭.୦୦ ଘଟିକା ଠାରୁ ୯.୦୦ ଘଟିକା ଏବଂ ଅପରାହ୍ନ ୫.୦୦ ଘଟିକା ଠାରୁ ୭.୦୦ ଘଟିକା ପର୍ଯ୍ୟନ୍ତ ଭାରୀ ଯାନ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି । ଏହି ନିଷେଧାଜ୍ଞା ତା ୦୧.୦୪.୨୦୨୫ ରିଖ ଠାରୁ ତା ୩୦.୦୪.୨୦୨୫ ରିଖ (ଏକ ମାସ ପର୍ଯ୍ୟନ୍ତ) ଜାରି କରାଯାଇଛି ।

ଅସ୍ତରଙ୍ଗ ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କଲେ ଅତିଥି

ଅସ୍ତରଙ୍ଗ,୦୨/୦୪ (ଆ.ପ୍ର) : ଅସ୍ତରଙ୍ଗ ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଂଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ମୁଖ୍ୟବକ୍ତା ଭାବେ ଓଡିଶା ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର,ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ,ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି, ସୁବୁଦ୍ଧଶାଖା ଶିକ୍ଷା କମିଟିର ଉପଦେଷ୍ଟା ଦିବାକର ଛାଟୋଇ, ଶିକ୍ଷା କମିଟିର ସଭାପତି ରବୀନ୍ଦ୍ର କୁମାର ମହାନ୍ତି,ସଂସ୍କୃତ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ,ପଂଚସଖା ଶିକ୍ଷା ସେତୁର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ପରିଡା,ସିଆରସିସି ସନ୍ତୋଷ କୁମାର ସ୍ୱାଇଁ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମାକାନ୍ତ ବସ୍ତିଆ, ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଅତିଥିବୃନ୍ଦ ଯୋଗଦେଇଥିଲେ । ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଗୀତିକା,ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପରେ ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରାଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ନାୟକ ଓ ବକ୍ତା ଶ୍ରୀ ମିଶ୍ର ଆଜିର ଶିକ୍ଷା,ଶିକ୍ଷା ପଦ୍ଧତି ଓ ଛାତ୍ରଛାତ୍ରୀଙ୍କ ସଂସ୍କାର ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଚାରିଆଡେ ସରକାରୀ ସ୍କୁଲ୍ ଆଗ୍ରହ କମୁଥିଲା ବେଳେ ଉନ୍ନତ ଶିକ୍ଷା ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବାରୁ ଏହି ବିଦ୍ୟାଳୟରେ ଚଳିତବର୍ଷ ପିଲା ସଂଖ୍ୟା ୩୦୦ରୁ ଅଧିକ ପିଲା ପାଠ ପଢିବା ଜାଣି ଶିକ୍ଷା ନିର୍ଦ୍ଦେଶକ ପ୍ରଶଂସା କରିଥିଲେ । ନିଜ ଅଂଚଳ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେକରିଥିଲେ । ମଂଚ ଉପରୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ଅଭିଭାଷଣ ପ୍ରଦାନ କରି ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ ଉତ୍ସାହିତ କରିବା ସହିତ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଚ, ଗୀତ ଓ କ୍ଷୁଦ୍ର ନାଟକ ପ୍ରମୁଖ ରାତି ୧୦ଟା ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା । ସମସ୍ତ ଅତିଥିବୃନ୍ଦ, ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଶତାଧିକ ଦର୍ଶକ ମଂଚ ସାମ୍ନାରେ ବସି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ କୁନି କଳାକାରଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କଲାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସେହିପରି ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରେ ଶିକ୍ଷକ ଯତୀନ୍ଦ୍ର କୁମାର ବିଶ୍ୱାଳ, ରଙ୍ଗଲତା ସ୍ୱାଇଁ, ସୁପ୍ରଭା ପ୍ରଧାନ, କାଦମ୍ବରୀ ଦେଇ, ସ୍ମିତିରେଖା ଦେବୀ, ଶୁଭଲକ୍ଷ୍ମୀ ଓଝା,ସୁନୀଲ କୁମାର ସାହୁ ସମେତ ସବୁଜଶାଖାର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ ।

ଠକଙ୍କ ଜାଲରେ ଫସିଗଲେ କାକଟପୁର ବିଧାୟକ, ତୁଷାରକାନ୍ତି ବିରୋଧରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ

କାକଟପୁର, ୦୨/୦୪ (ଆ.ପ୍ର) : ପୂର୍ବତନ ଆଇଟି ମନ୍ତ୍ରୀ ତଥା ବର୍ତ୍ତମାନର କାକଟପୁର ବିଜେଡି ଦଳର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଠାରୁ ୧ କୋଟି ୪୦ ଲକ୍ଷ ସାଇବର ଠକ ନେଇଛନ୍ତି ଲୁଟି । ସାଇବର ଠକ ମାନେ ଆଇପିଓ ଏବଂ ଓଟିସି ଟ୍ରେଡିଂ ନିବେଶ ନାଁରେ ଠକେଇ କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ସେମାନେ ତୁଷାରକାନ୍ତିଙ୍କ ଠାରୁ ୧କୋଟି ୪୦ ଲକ୍ଷ ଟଙ୍କା ଠକେଇ କରିଥିଲେ । ଏହି ୧, କୋଟି ୪୦ ଲକ୍ଷ ଟଙ୍କାର ସାଇବର ଠକେଇର ଶିକାର ହୋଇଥିବା ଘଟଣାକୁ ନେଇ କାକଟପୁର ବିଜେପି ଯୁବ ମୋର୍ଚ୍ଚା ଆଜି ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛି । ଗତ ମେ ମାସ ୨୦୨୪ରିଖରେ ବିଧାୟକ ତୁଷାରିକାନ୍ତି ବେହେରା ନିର୍ବାଚନ କମିଶନରଙ୍କୁ ଦେଇଥିବା ସତ୍ୟପାଠରେ ସେ ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତି ର ମୂଲ୍ୟ ଦର୍ଶାଇଛନ୍ତି ହାରାହାରି ୯୮ ଲକ୍ଷ । କିନ୍ତୁ ତାଙ୍କର ଡିମାଟ ଆକାଉଂଟ ରେ କେଉଁଠୁ ଆଣିଲେ ୧ କୋଟି ୪୦ ଲକ୍ଷ ଯାହାକି ସାଇବର ଠକ ନେଇଗଲେ । ଅର୍ଥାତ ତାଙ୍କର ବେଆଇନ କଳା ସମ୍ପତ୍ତି ଥିଲା କରିଥିଲେ ଯାହାକି ସତ୍ୟପାଠରେ ଲୁଚେଇଥିଲେ । ତେଣୁ ତାଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଆଧାରରେ କେଶ୍ ହେବା ଜରୁରୀ । ତୁରନ୍ତ ଭିଜିଲାନ୍ସ ତଦନ୍ତ ମଧ୍ୟ ହେବା ଜରୁରୀ ବୋଲି ଯୁବ ମୋର୍ଚ୍ଚା ଦାବି କରିଛି । ଯଦି ସେ ସବୁ ବିଧାୟକ ତୁଷାର ବାବୁଙ୍କ ଟଙ୍କା ନୁହେଁ, ତାଙ୍କ ସାଙ୍ଗ ଆକାଉଂଟ ଚଳାଉଥିଲା , ତେବେ ଡିଜିପିଙ୍କୁ ତୁଷାର ବାବୁ ଅଭିଯୋଗ କଲେ କାହିଁକି ? ବିଧାୟକଙ୍କ ବନ୍ଧୁ ବିଧାୟକଙ୍କ ସହମତିରେ ଏଭଳି କାର୍ଯ୍ୟ କରିଛି ସେଥିପାଇଁ ତୁମେ ଦାୟୀ ରହିବା ସହିତ, ଆଉ କେଉଁ କେଉଁ ଠକେଇ କାମରେ ନିଜ ସାଙ୍ଗ ସାଥୀ ମାନଙ୍କୁ ନିୟୋଜିତ କରିଛନ୍ତି ବିଧାୟକ ତୁଷାରକାନ୍ତି ବେହେରା ଏହାର ସତ୍ୟ ସାମ୍ନାକୁ ଆସୁ ବୋଲି ବିଜେପି ନେତା ଦିବାକର ଛାଟୋଇ, ପ୍ରିୟବ୍ରତ ବିଶ୍ୱାଳ ଦାବି ରଖିଛନ୍ତି । ତୁଷାରକାନ୍ତି ବେହେରାଙ୍କ ପାଖରେ ଏତେ ଟଙ୍କା ଆସିଲା କିପରି ଓ କେଉଁଠୁ ? ଏଠି ତୁଷାରକାନ୍ତି ବେହେରା କେବଳ ଠକାମୀର ଶିକାର ହୋଇନାହାନ୍ତି, ଏଠି କାକଟପୁରବାସୀଙ୍କୁ ମଧ୍ୟ ଠକାମୀର ଶିକାର କରାଇଛନ୍ତି । ସାଧାରଣ ଲୋକଙ୍କୁ ଠକିଛନ୍ତି ପୂର୍ବ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା । କାରଣ, ତୁଷାରକାନ୍ତି ବେହେରାଙ୍କ ୨୦୨୪ ସାଧାରଣ ନିର୍ବାଚନ ସମୟରେ ସତ୍ୟପାଠରେ ଦାଖଲ କରାଯାଇଥିବା ସମୁଦାୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଆନୁମାନିକ ୯୮ ଲକ୍ଷ । ତାହେଲେ ଏଠାରେ ପ୍ରଶ୍ନ, ତୁଷାରକାନ୍ତିଙ୍କ ପାଖରେ ୧ କୋଟି ୪୦ ଲକ୍ଷ ଟଙ୍କା ଅସିଲା କେଉଁଠୁ ? କେଉଁ ଉପାୟରେ ଏତେ ଟଙ୍କା ଆକାଉଂଟକୁ ଆଣିଛନ୍ତି । ୨୦୧୯ ନିର୍ବାଚନ ସମୟରେ କାକଟପୁରବାସୀଙ୍କ ବିକାଶ କରିବା କଥା କହି, ବିଜେପି ଟିକେଟକୁ ଫିଙ୍ଗି, ବିଜେଡିରେ ସାମିଲ ହୋଇଥିଲେ ଓ ମନ୍ତ୍ରୀ ପଦ ମଧ୍ୟ ହାତେଇ ଥିଲେ । ଏଠି ପ୍ରଶ୍ନ ଉଠେ, ତୁଷାରକାନ୍ତି ବେହେରା ବିଜେପିକୁ ଧୋକା ଦେଇଥିଲେ କଣ ପାଇଁ ? କାକଟପୁର ବାସୀଙ୍କୁ ଲୁଟ୍ କରି ନିଜର ଆର୍ଥିକ ବିକାଶ କରିବା ପାଇଁ ନା କାକଟପୁରର ବିକାଶ ପାଇଁ ? ଏବେ କୋଟି କୋଟି ଟଙ୍କା ଠକାମୀର ଶିକାର ହେବା ପରେ, ବିଧାୟକ ତୁଷାରକାନ୍ତି ବେହେରା ଶୁଣାଉଛନ୍ତି 'ଆଇ ମା କାହାଣୀ' । କହୁଛନ୍ତି, ଏ ଟଙ୍କା ସବୁ ମୋର ନୁହେଁ, ଏ ସବୁ ଟଙ୍କା ମୋ ସାଙ୍ଗର । ମୋ ସାଙ୍ଗ, ମୋ ଆକାଉଂଟ ରେ ଟଙ୍କା ରଖି, କରୁଥିଲା ଟ୍ରେଡିଂ । ତୁଷାରକାନ୍ତିଙ୍କ ଏତେ ଟଙ୍କାର ଉତ୍ସ ବିଷୟରେ ଖୋଳତାଡ କରିବ ବୋଲି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ଆଇ.ଜି ସାର୍ଥକ ଷଡ଼ଙ୍ଗୀ । କ୍ରାଇମବ୍ରାଂଚ ପରିସରକୁ ଭିଡ଼ ହୋଇପାରନ୍ତି ବିଧାୟକଙ୍କ ଟ୍ରେଡିଙ୍ଗ ବନ୍ଧୁ ।

ପାତ୍ରପୁର ବ୍ଲକରେ ଉତ୍କଳ ଦିବସ ପାଳିତ

ପାତ୍ରପୁର , ୦୨/୦୪ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ରେ ଗଢ଼ି ଉଠିଥିବା ଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦ ପକ୍ଷରୁ ଶ୍ରୀ ଭରତ ପତି ମହାବିଦ୍ୟାଳୟ ଠାରେ ଉତ୍କଳ ଦିବସ ପାଳନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁଦୀପ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଉପ ସଭାପତି ଶଶାଙ୍କ କୁମାର ପ୍ରଧାନ,ସାହିତ୍ୟ ସମ୍ପାଦକ ଦଣ୍ଡାସି ପ୍ରଧାନ କୋଷାଧ୍ୟକ୍ଷ ରାମ ଗୋପାଳ ପାଢ଼ୀ , ସେବା ସମ୍ପାଦକ ନିଶାମଣି ପ୍ରଧାନ ପ୍ରମୁଖ ମଂଚାସିନ ଥିଲେ । ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବା ବେଳେ ଉତ୍କଳ ଦିବସ ପାଳନ ସମ୍ପର୍କରେ ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାତ୍ରପୁର ବ୍ଲକର ସୀମାନ୍ତ ଅଂଚଳରେ ଅନେକ ଗ୍ରାମ ତେଲୁଗୁ ଭାଷାଭାଷୀ ହୋଇଥିବାରୁ ଓଡ଼ିଆ ନପଢ଼ି ଅନେକ ପିଲା ଆନ୍ଧ୍ର ଯାଇ ତେଲୁଗୁ ପଢୁଥିବା ନେଇ କ୍ଷୋଭ ପ୍ରକାଶ କରଯାଇଥିଲା । ଓଡ଼ିଆରେ ଦସ୍ତଖତ କରିବା, ସରକାରୀ ଓ ବେ ସରକାରୀ ସ୍ତରରେ ଚିଠି ପତ୍ର ଓଡ଼ିଆରେ କରିବା, ନାମ ଫଳକ, ନିମନ୍ତ୍ରଣ ପତ୍ର ଓଡିଆରେ ଲେଖିବା, ଓଡିଆ ମାଧ୍ୟମ ସ୍କୁଲ୍ ରେ ପିଲାମାନଙ୍କୁ ପାଠ ପଢ଼ାଇବା ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ନେଇ ବକ୍ତା ମାନେ ପ୍ରକାଶ କରିଥିଲେ । କବି କବୟିତ୍ରୀ ମାନେ କବିତା ପାଠ କରିଥିବା ବେଳେ ସମ୍ପାଦକ ମାଧବ ବାଡତ୍ୟା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ତେଜେଶ୍ୱରି ଆଚାରୀ, ବନ ବିହାରୀ ବିଶ୍ୱାଳ, ରାଜ ଗୋପାଳ ପାଢ଼ୀ, ଗୌରାଙ୍ଗ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଆଲୁ ଜୟ ପ୍ରକାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ମୋ ଗାଁ ଅଭିଯାନ ଗଠିତ : ଗାଁ ଉନ୍ନତିରେ ମୋର ଭୂମିକା ଶୀର୍ଷକ ଆଲୋଚନା ଚକ୍ର

ଜଗତସିଂହପୁର,୦୨/୦୪ (ଆ.ପ୍ର) : ଜଗତସିଂହପୁର କଂଟାବଲ୍ଲଭପୁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ଉତ୍କଳ ଦିବସ ଅବସରରେ ଗ୍ରାମର ମା' ଭଉଣୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଉତ୍କଳ ଜନନୀ ସଂଗୀତ ଗାନ କରାଯିବା ପରେ ଶ୍ରୀମତୀ ମହାପାତ୍ର ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ସଭାରେ ସର୍ବସମ୍ମତି କ୍ରମେ 'ମୋ ଗାଁ ଅଭିଯାନ' ନାମକ ଏକ ସଂଗଠନ ଗଠିତ ହୋଇଥିଲା । 'ଗାଁ ଉନ୍ନତିରେ ମୋର ଭୂମିକା ' ଶୀର୍ଷକ ଆଲୋଚନା କରାଯାଇ ଗାଁର ସଂସ୍କୃତି, ପରମ୍ପରା, ସ୍ୱାଭିମାନ, ସ୍ୱାସ୍ଥ୍ୟ, ପରିମଳ ଓ ଶିକ୍ଷାର ଉନ୍ନତି ସହ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ସ୍ରୋତରେ ଏଇ ଗାଁର ଭାଗିଦାରୀ ରହିବ, ସେଥିପ୍ରତି ଯତ୍ନବାନ ହେବାପାଇଁ ମୁଖ୍ୟଅତିଥି ଅଧ୍ୟାପକ ରମା ରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ଶିକ୍ଷାବିତ ବାବାଜୀ ଚରଣ ସାହୁ,ମତ ପୋଷଣ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ଗାଁର ଉନ୍ନତିରେ ସମାଜର କିପରି ଉନ୍ନତି ହୋଇ ପାରିବ ସେ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ କୁମାର ସାହୁ, ଅନୁସୟା ପଣ୍ଡା , ସୁମିତ୍ରା ସାହୁ, ସତ୍ୟଭାମା ସାହୁ, ସବିତା ସାହୁ, ଉଷାରାଣି ବେହେରା, ସବିତା ବେହେରା, ସୁଷମା ବେହେରା, ମିନତୀ ବେହେରା, ମମତା ବେହେରା, କାଂଚନ ବେହେରା, ଛବିଳତା ବେହେରା, ଲୋଚନା ବେହେରା, ଅଂଶ ଗ୍ରହଣ କରି ଉପାଦେୟ ମତ ପଦାନ କରିଥିଲେ । ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ନାରୀ ନେତ୍ରୀ ଜୟନ୍ତୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଜିଲୁଣ୍ଡାରେ ମା ଗ୍ରାମଦେବତୀଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ପାତ୍ରପୁର,୦୨/୦୪ (ଆ.ପ୍ର) : ପାତ୍ରପୁର ବ୍ଲକ ଜରଡ଼ା ତାଲୁକା ଜିଲୁଣ୍ଡା ଠାରେ ମା ଗ୍ରାମଦେବତୀଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବ ତିନିଦିନ ବ୍ୟାପି ପାଳନ ହେବାକୁ ଥିବାବେଳେ ପ୍ରଥମ ଦିନ କଳସ ଯାତ୍ରା, ଦୀକ୍ଷା ଗ୍ରହଣ, ବନଯାଗ ଓ ଅଙ୍କୁରାରୋପଣ ହୋଇ ସାରିଛି । ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ୍ ହୋଇ ଗ୍ରାମ୍ୟ ପୋଖରୀରୁ ଜଳ ଆଣି ଥିଲେ । ପଣ୍ଡିତ ନରସିଂହ ପଣ୍ଡା ଓ ସୂର୍ଯ୍ୟ ନାରାୟଣ ପାଢ଼ୀ ପ୍ରତିଷ୍ଠା କାର୍ଯ୍ୟକୁ ସମ୍ପାଦନ କରୁଥିବା ବେଳେ ଅର୍ଣ୍ଣ ଯଜ୍ଞ, ଘୃତ ଯଜ୍ଞ ଓ ନାମ ଅନୁଷ୍ଠିତ ହୋଇଛି । ନୀଳାଂଚଳ ସାହୁ କର୍ତା ସାଜିଥିବା ବେଳେ ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରେ ଏହି ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଛି ବୋଲି ପରିଚାଳନା କମିଟି ପ୍ରକାଶ କରିଛନ୍ତି ।

ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ - ୨୦୨୫ ପାଳିତ

ଯାଜପୁର, ୦୨/୦୪ (ଆ.ପ୍ର) : ପ୍ରତିବର୍ଷ ଭଳି ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ - ୨୦୨୫ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଅଛି । ଜିଲ୍ଲା ସ୍ତରୀୟ ଓଡିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ -୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ । ଏହି ଦିବସ ପାଳନ ଅବସରରେ ପୂର୍ବାହ୍ନ ୪.୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁର ତରଫରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଉତ୍କଳ ବନ୍ଦନା ଗାନ ଏବଂ ପୂର୍ବାହ୍ନ ୬.୩୦ ମିନିଟ ସମୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରଭାତଫେରୀ ର ଆୟୋଜନ କରାଯାଇଥିଲା । ଏହି ଦିବସ ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ସାଂସଦ, ଲୋକସଭା, ଯାଜପୁର ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ସମସ୍ତ ସମ୍ମାନିତ ଅତିଥିମାନେ ଯାଜପୁର ଜିଲ୍ଲା ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁରଠାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି, କିଆନାଳୀ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଜିଲ୍ଲା ସ୍କୁଲ୍, ଯାଜପୁର ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମେତ ଅନ୍ୟାନ୍ୟ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜିଲ୍ଲା କାରାଗାରର ଅନ୍ତେବାସୀ, ଉତ୍କଳ ବାଳାଶ୍ରମର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ପ୍ୟାକେଟ ବଂଟନ, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଂଟନ କରିଥିଲେ । ଏହାପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁରଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ କହିଲେ ସମୃଦ୍ଧ ସଂସ୍କୃତି ଗୌରବମୟ ଇତିହାସ ଓ ଗରିମାମୟ ପରମ୍ପରାର ଉଜ୍ଜ୍ୱଳ ସ୍ୱାକ୍ଷରର ଭୂମିମନ୍ତ ଆମର ପ୍ରିୟ ଜନ୍ମ ଭୂମି ଓଡ଼ିଶା । ଆଜକୁ ଅଣାନବେ ବର୍ଷ ପୂର୍ବେ, ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଭାଷାକୁ ଆଧାର କରି ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ଓଡ଼ିଶା ଥିଲା ପ୍ରଥମ । ଆଜିର ଏହି ଐତିହାସିକ ଦିବସରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ମହାପୁରୁଷ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଦୀର୍ଘ ଦିନର ସଂଘର୍ଷ ପରେ ବିହାର - ଓଡ଼ିଶା - ମାଡ୍ରାସ ପ୍ରେସିଡେନ୍ସିରେ ଥିବା ଓଡ଼ିଆ ଭାଷା କହୁଥିବା ଅଂଚଳକୁ ନେଇ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ଯେଉଁମାନେ ସେମାନଙ୍କର ତ୍ୟାଗ, ଅଧ୍ୟବସାୟ, ପରିଶ୍ରମ ଓ ସାମର୍ଥ୍ୟ ବିନିଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ମର୍ଦ୍ଦରାଜ, ବ୍ୟାସକବି ଫକିର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀଶଙ୍କର ରାୟ, ପଣ୍ଡିତ ନୀଳକଣ୍ଠ ମିଶ୍ର, ଆଚାର୍ଯ୍ୟ ହରିହରଙ୍କ ପରି ଅନେକ ଯୋଗଜନ୍ମା । ସେମାନଙ୍କ ଉଦ୍ୟମର ଫଳସ୍ୱରୂପ ଆଜି ଆମେ ଓଡ଼ିଆ ଭାବରେ ଗର୍ବ କରୁଛେ । ଆଜି ଦିବସରେ ସମସ୍ତ ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି । ସମୃଦ୍ଧ ଐତିହ୍ୟ, ଜୀବନ୍ତ କଳା, ଗୌରବମୟ ସଂସ୍କୃତି ଓ ଗରିମାମୟ ପରମ୍ପରାର ଶାଶ୍ୱତ ବିଭବରେ ପରିପୂର୍ଣ୍ଣ ଯାଜପୁର । କଳା, ସାହିତ୍ୟର ମାଟି ହେଉଛି ମା' ବିରଜାଙ୍କର ଏହି ପୁଣ୍ୟ କ୍ଷେତ୍ର । ସୋମବଂଶର ମହାନ ନରପତି ଯଯାତି କେଶରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଯାଜପୁର ମାଟି ହେଉଛି ସୁଯୋଗ ଓ ସମ୍ଭାବନାର ଏକ ସୁବର୍ଣ୍ଣକ୍ଷେତ୍ର । ଏହିପୁଣ୍ୟ ମାଟିରୁ ଦିନେ ଗୁଞ୍ଜରିତ ହୋଇଥିଲା ଗୌତମ ବୁଦ୍ଧଙ୍କ ଶାନ୍ତିମନ୍ତ୍ର । ପ୍ରାଚୀନ ବୌଦ୍ଧ ସଭ୍ୟତାର ଅମର ଭୂମି ରତ୍ନଗିରି ଓ ଉଦୟଗିରି ଏହାର ଜ୍ୱଳନ୍ତ ନିଦର୍ଶନ ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଶ୍ରୀ ବରାହକ୍ଷେତ୍ର, ଦଶାଶ୍ୱମେଧ ଘାଟ, ନାଭିଗୟା, ବ୍ରହ୍ମକୁଣ୍ଡ, ଗୋକର୍ଣ୍ଣେଶ୍ୱର ମନ୍ଦିର ଆଦି ଅନେକ ପବିତ୍ର କ୍ଷେତ୍ର ଏ ମାଟିର ମହାର୍ଘ୍ୟ ଆଧ୍ୟାତ୍ମିକତାର ଗୋଟିଏ ଗୋଟିଏ ବଳିଷ୍ଠ ସ୍ୱାକ୍ଷର । କେବଳ ଧର୍ମ ନୁହେଁ, ଭାରତର ସ୍ୱାଧୀନତା ଆନ୍ଦୋଳନ କାଳରେ ଏଇଠୁ ଶୁଭିଥିଲା ବର୍ତ୍ତିବର ରଣହୁଙ୍କାର । ବରୀ କଳାମାଟିଆର ଶହୀଦ ସ୍ମୃତିସ୍ତମ୍ଭ ଏହାର ମୂକସାକ୍ଷୀ । ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ଶହୀଦ ସାଉଁଟି ମଳିକ, ସାନନ୍ଦ ସ୍ୱାଇଁ, ହାଡ଼ବିନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁଙ୍କ ବଳିଦାନରେ ଏ ମାଟି ହୋଇଛି ଗୌରବଦୀପ୍ତ । "ବରୀ ସେବାଘର" ରେ ରହିଛି ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କ ଅନେକ ଅଭୁଲା ସ୍ମୃତି । ଓଡଆ ସାରସ୍ୱତ ନବମଣ୍ଡଳର ଏକ ଧ୍ରୁବ ତାରା ଥିଲେ ଏ ମାଟିର ଯଶସ୍ୱୀ ସାଧକ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର । ଓଡିଆ ସାହିତ୍ୟର ବିକାଶରେ ଲୋକପ୍ରିୟ ପତ୍ରିକା 'ଗୋକର୍ଣ୍ଣିକା' ର ଭୂମିକା ଉଲ୍ଲେଖ ଯୋଗ୍ୟ । ଆଜିର ଦିବସ ହେଉଛି ସଚେତନତା ଓ ସଂକଳ୍ପର ଦିବସ । "ବିକଶିତ ଗ୍ରାମ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ" ଗଠନ ପାଇଁ ଆମ ସରକାର ସଂକଳ୍ପବଦ୍ଧ । ଏହି ସଭାକାର୍ଯ୍ୟରେ ସାଂସଦ, ଲୋକସଭା, ଯାଜପୁର ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସମସ୍ତଙ୍କୁ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇବା ସହ କହିଲେ ୧୯୩୬ ମସିହାରେ ଓଡ଼ିଶା ପ୍ରଥମ ଭାଷାଭିତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେଲା ସେଥିପାଇଁ ଆମେ ଗର୍ବ କରିବା ଉଚିତ୍ । ପ୍ରଥମେ ୬ ଟି ଜିଲ୍ଲାକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । କିନ୍ତୁ ଆଜି ୩୦ ଜିଲ୍ଲାରେ ପରିବର୍ତ୍ତିତ ହୋଇଛି । ଏବେ ଐତିହାସିକ କିମ୍ବା ଭୌଗଳିକ ସବୁ ସ୍ତରରେ ଓଡ଼ିଶା ବହୁ ସମୃଦ୍ଧିଶାଳୀ ହୋଇଛି । ଏହି ଯାଜପୁର ମାଟି ଦିନେ ଉତ୍କଳର ରାଜଧାନୀ ଥିଲା ମହାରାଜା ଯଯାତି କେଶରୀଙ୍କ ସମୟରୁ ଏହା ଉତ୍କଳର ରାଜଧାନୀ ଥିଲା । ଆଜିର ଦିନରେ ୧୯୯୩ ମସିହାରେ ଯାଜପୁର ଜିଲ୍ଲା ଏକ ସ୍ୱତନ୍ତ୍ର ଜିଲ୍ଲାର ପରିଚୟ ପାଇଥିଲା । ସ୍ୱର୍ଗତ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏଠାରେ ଡେପୁଟି କମିଶନର ଥିଲେ ଏବଂ ଏହି ମାଟିରେ ବନ୍ଦେ ମାତରମ୍ ଲେଖିକରି ଯାଇଛନ୍ତି । ଯାଜପୁରର ଐତିହ୍ୟ କଳା ସଂସ୍କୃତି ଅନ୍ୟତମ ଅଟେ । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ କହିଲେ ୧୯୩୬ ରେ ଓଡ଼ିଶା ପ୍ରଥମ ଭାଷାଭିତିକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଗଠନ ହୋଇଥିଲା । ସେବେ ଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ସବୁ କ୍ଷେତ୍ରରେ ଅଗ୍ରସର ହୋଇଛି । ଓଡ଼ିଶାର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ର ମାନଙ୍କୁ ଆଜିର ଦିନରେ ସ୍ମରଣ କରିବା । ଓଡ଼ିଶାରେ କଳା, ସଂସ୍କୃତି, ପ୍ରାକୃତିକ ସମ୍ବଳ, ମାନବ ସମ୍ବଳର କୌଣସି ଅଭାବ ନାହିଁ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ପକ୍ଷ ପାଳନ କରାଯିବା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ । ଉକ୍ତ ଦିବସରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଜୟ କିଶୋର ସାମଲ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଶା ତଥା ଯାଜପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ, ଓଡ଼ିଶା ତଥା ଯାଜପୁର ଜିଲ୍ଲାର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ ଦିବସରେ ଜିଲ୍ଲାର ୫ ଜଣ ଶ୍ରେଷ୍ଠ ଅଗ୍ରଣୀ ଚାଷୀଙ୍କୁ ଜଗନ୍ନାଥ ମଲ୍ଲିକ କୃଷକ ସମ୍ମାନରେ ସମ୍ମାନିତ କରାଯିବା ସହ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବ ରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଭିଭାବକ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଉତ୍କଳ ଦିବସ ପାଳିତ

ଟାଙ୍ଗୀ ଚୌଦ୍ୱାର,୦୨/୦୪ (ଆ.ପ୍ର) : ଚୌଦ୍ୱାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ତଥା ବିଦ୍ୟାଳୟର ସମ୍ପାଦକ ମାନସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ.ଏସ.ସାଇନ୍ସ ଏକାଡେମୀର ଅଧ୍ୟକ୍ଷ ନରେନ୍ଦ୍ର ପରିଡ଼ା ଅତିଥି ରୂପେ ଯୋଗ ଦେଇ ଓଡ଼ିଶା କିପରି ଏକ ସ୍ୱତନ୍ତ୍ର ରାଜ୍ୟ ରେ ପରିଣତ ହେଲା ଏବଂ ଓଡ଼ିଶାର ବରପୁତ୍ର ତଥା ଉତ୍କଳମଣି ମଧୁସୂଦନ ଦାସ, ହରେକୃଷ୍ଣ ମହତାବ, ଶ୍ରୀରାମ ଚନ୍ଦ୍ର ଭଞ୍ଜ, ଗୋପବନ୍ଧୁ ଦାସ ପ୍ରମୁଖ ନିଜର ଆପ୍ରାଣ ଉଦ୍ୟମ କରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ କରି ଗଢି ତୋଳି ଥିଲେ ସେହି ସମ୍ପର୍କରେ ଆଲୋକପାତ କରିଥିଲେ । ଯାହାର ଫଳ ସ୍ୱରୂପ ୧୯୩୬ ଏପ୍ରିଲ ମାସ ୦୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ଗଢି ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଉଠିଥିଲା । ଏହି ଅବସରରେ ଉତ୍କଳମଣି ମଧୁସୂଦନ ଦାସ ଏବଂ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପୂର୍ବକ ଉତ୍କଳ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁ, ଗୁରୁମା ଅନୁରାଧା ଭଟ୍ଟ, ସାଗରିକା ସିଂହ, ଲକ୍ଷ୍ମୀ ନାଟିଆ, ମମତା ସାହୁ, ପ୍ରଭାତୀ ସାହୁ, ଅମିତ ସାହୁ, ଶ୍ରଦ୍ଧାଞ୍ଜଳି ସାମଲ, ଜୟଶ୍ରୀ ମହାରଣା, ଗିତୁପ୍ରଜ୍ଞା ବାରିକ ତଥା ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ପରିଶେଷ ରେ ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

ଓଲଟିଲା ଯାତ୍ରୀ ବାହୀ ବସ ୧୦ରୁ ଊର୍ଦ୍ଧ୍ୱ ଗୁରୁତର



ନୀଳଗିରି, ୦୨/୦୪ (ଆ.ପ୍ର) : ବସ୍‌କୁ ଧକ୍କା ଦେଲା ଟ୍ରକ୍ । ଓଲଟିଲା ଯାତ୍ରୀବାହୀ ବସ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସୂଚନାରୁ ଜଣାଯାଇଛି, ନୀଳଗିରି ବରହମପୁର ଥାନା ଭାଲୁକାଣ୍ଡି ଦେବଯାନୀ ଛକ ଠାରେ, ମାମା ଯାତ୍ରୀ ବାହୀ ବସଟି ପ୍ରତେକେ ଦିନ ନିଳଗିରିରୁ ଉଦଳା ଯାତ୍ରୀ ନେଇ ଯାଇ ଥିବା ସମୟରେ ଏଭଳି ଦୁର୍ଘଟଣା ଘଟିଛି । ତେବେ ନୀଳଗିରିରୁ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନେଇ ଯାଉଥିବା ବେଳେ ଦେବଯାନୀ ଛକ ଠାରେ ଟ୍ରକଟି ହଠାତ୍ ଆସି ପଛ ପଟୁ ଧକ୍କା ଦେଇଥିଲା । ଯାହାଫଳରେ ବସ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା । ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି । ତେବେ ସ୍ଥାନୀୟ ଲୋକେ ମାନେ ଯାତ୍ରୀଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି । ଗାଡି ଚାଳକଙ୍କ ଏଭଳି ବେପରୁଆ ଗାଡ଼ି ଚାଳନା ପାଇଁ, ଯାତ୍ରୀ ମାନେ ଭୟଭୀତ ହେବା ସହିତ ଗୁରୁତର ଆହତ ହୋଇ ଥିବା ଦେଖାଯାଇଛି ।

କଲେଗାଁ ମା ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଝରିଗାଁ, ୦୨/୦୪ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କୁଟିଛାପର ପଂଚାୟତ ଅଧିନସ୍ଥ କଲେଗାଁ ଗ୍ରାମର ମା ଠାକୁରାଣୀଙ୍କ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବା ପରେ ଆଜିଠାରୁ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଉକ୍ତ ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଆଜି ଆଦ୍ୟ ଦିବସରେ କଳସଯାତ୍ରା, ବଡୀ ଅର୍ପଣ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଥିଲା । ପ୍ରଥମେ ଗ୍ରାମ ତଥା ଅଂଚଳର ଦେବାଦେବୀ ନିଜ ନିଜ ପ୍ରତୀକ ଲାଠି, ପାଲିଙ୍କି, ସିରା, ପୂଜାରୀ, ଗାଣ୍ଡା, ଚଲାନ ଏବଂ ଗଇତଙ୍କୁ ସାଙ୍ଗରେ ଧରି ଗ୍ରାମ ପରିକ୍ରମା କରିବା ପରେ ସମସ୍ତେ ଏକ ବିଶାଳ ପଟୁଆରରେ ମନ୍ଦିର ପରିସରରେ ପହଂଚିଥିଲେ ପରେ କଳସଯାତ୍ରା, ବଡୀ ଅର୍ପଣ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ରାତ୍ରିରେ ଅଖଣ୍ଡବତୀ ପ୍ରଜ୍ୱଳନ, ବ୍ରହ୍ମଧୁନୀ ସ୍ଥାପନ ସାଙ୍ଗକୁ ଏହରାତ୍ର ନାମ ଭଜନ କରାଯିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ସେହିଭଳି ଅନ୍ୟ ଦିନ ମାନଙ୍କରେ ବାଲ୍ୟଲୀଳା ଅର୍ପଣ, ପ୍ରସାଦ ସେବନ, ଦେବୀ ପୂଜା, ଅନ୍ନଭୋଗ ଭଳି ଅନେକ କାର୍ଯ୍ୟକ୍ରମ ରହିଛି । ଗୁରୁବାର ଓ ଶୁକ୍ରବାର ଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି । ବରେଣ୍ୟ ସାଧୁ ସନ୍ଥ ମାନଙ୍କ ମଧ୍ୟରେ ବ୍ରହ୍ମ ଅବଧୂତ ଇନ୍ଦ୍ରମଣି ବାବା, ବ୍ରହ୍ମ ଅବଧୂତ ଡମ୍ବରୁ ଧର ବାବା, ବ୍ରହ୍ମ ଅବଧୂତ ରାମଚନ୍ଦ୍ର ବାବା, ସାଧୁ ପ୍ରକାଶ ଦାସ, ଯଦୁ ଦାସ, ଋଷିକେଶ ଦାସ,ଡମ୍ବୁ ଦାସ ଭରତ ଦାସ, ଗଜାନନ ଦାସ, ନର୍ସିଂ ଦାସ, ଗୁପ୍ତ ବୈରାଗୀ, ଲକ୍ଷ୍ମୀ ବୈରାଗୀ, ପିଙ୍କୁ ବୈରାଗୀ, ଗିରିଧର ବୈରାଗୀ, ଭିକାରୀ ବୈରାଗୀ ପ୍ରମୁଖ ଉପସ୍ଥିତ ରହିଥିବା ଅଖଣ୍ଡବତୀ ପ୍ରଜ୍ୱଳନ ଓ ବ୍ରହ୍ମଧୁନୀ ସ୍ଥାପନ ତଥା ଯଜ୍ଞକାର୍ଯ୍ୟ ସମ୍ପାଦିତ ହେଉଥିବା ବେଳେ ପ୍ରଫୁଲ୍ଲ ଗାଉଡିଆ, ଅର୍ଜୁନ ଗାଉଡିଆ, କର୍ଣ୍ଣ ଗାଉଡିଆ, ଘନ ପୂଜାରୀ, ବନମାଳୀ ପୂଜାରୀ, ପ୍ରହ୍ଲାଦ ଗାଣ୍ଡା ପ୍ରମୁଖ ଦେବାଦେବୀଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦିତ କରିଛନ୍ତି । ଠିକ ସେହିପରି କଲେଗାଁ ମା ଠାକୁରାଣୀ ପରିଚାଳନା ସଦସ୍ୟ ମାନଙ୍କ ମଧ୍ୟରେ ନିରାକାର ଗଣ୍ଡ, କମଲୁ ବାଘ, ମାଧବ ଗଣ୍ଡ, ବିକାଶ ଗଣ୍ଡ, ତ୍ରିନାଥ ଧୃରୁଆ, ସୁଧିଆ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରୁଛନ୍ତି । ଦର୍ଶନ କରିବାକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ଭୋଗ ଓ ପାନୀୟଜଳ ମଧ୍ୟ ବ୍ୟବସ୍ଥା କରାଯାଇଛି ।

ଅଭିମନ୍ୟୁ ବାଲିଆ ନିମ୍ନ ମୌଳିକ ବିଦ୍ୟାଳୟର ବିଦ୍ୟା ପ୍ରବେଶ ଉତ୍ସବ

ବରୀ, ୦୨/୦୪ (ଆ.ପ୍ର) : ବରୀ ଶିକ୍ଷା ମଣ୍ଡଳ ଅଧୀନ ଅଭିମନ୍ୟୁ ବାଲିଆ ନିମ୍ନ ମୌଳିକ ବିଦ୍ୟାଳୟରେ ବିଦ୍ୟା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଆଦିଦେବ ଗଜାନନ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ପରେ ନୂତନ କରି ବିଦ୍ୟାଳୟରେ ପ୍ରବେଶ କରିଥିବା ଶିଶୁ ମାନଙ୍କୁ ଗୁରୁଜୀ, ଗୁରୁମା ମାନେ ଫୁଲ ଓ ଅକ୍ଷତ ସିଂଚନ କରି ଆଶିର୍ବାଦ କରିବା ପରେ ଶିକ୍ଷା କୋଣରେ ବସାଇ ଖଡ଼ି ଧରାଇ ସିଲଟରେ ପ୍ରଥମେ ଓଁ ଲେଖାଇଥିଲେ । କୁନି କୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ ବେଶ ମନ ମୁଗ୍ଧକର ପରିବେଶ ସୃଷ୍ଟି କରିପାରିଥିଲା । ମଧ୍ୟାହ୍ନରେ ଶିଶୁ ଏବଂ ଅଭିଭାବକ ମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ସମସ୍ତ କାର୍ଯ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବିଶ୍ୱାଳ, ସହକାରୀ ଶିକ୍ଷକ ଚକ୍ରଧର ସାର୍ ଓ ତୁଳସୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

ଆନନ୍ଦ ସୁବୁଦ୍ଧିଙ୍କ ବିୟୋଗରେ ଶୋକସଭା

ଟିକିଟି, ୦୨/୦୪ (ଆ.ପ୍ର) : ଟିକିଟି ଭାରତୀୟ ଜୀବନ ବୀମା ଶାଖା ତରଫରୁ ବୁଧବାର ମଧ୍ୟାହ୍ନରେ ଦିବଂଗତ ବରିଷ୍ଠ ଅଭିକର୍ତ୍ତା ଟି. ଆନନ୍ଦ ରାଓ ସୁବୁଦ୍ଧିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋକସଭା ଶାଖା ପରିଚାଳକ ଅଭିରାମ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ସମସ୍ତେ ନୀରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ଆନନ୍ଦ ସୁବୁଦ୍ଧିଙ୍କ ମେଳାପୀ, ପରୋପକାରୀ ଗୁଣ ସହିତ ଟିକିଟି ଭାରତୀୟ ଜୀବନ ବୀମା ଶାଖା ପ୍ରତି ରହିଥିବା ବଳିଷ୍ଠ ଯୋଗଦାନ ନେଇ ମତପ୍ରକାଶ କରିଥିଲେ । ଟିକିଟି ଭାରତୀୟ ଜୀବନ ବୀମାର ସେ ଜଣେ ଦକ୍ଷ ଓ ଉତ୍ସାହୀ ଅଭିକର୍ତ୍ତା ଭାବେ ସବୁବେଳେ ସମସ୍ତଙ୍କ ହୃଦୟରେ ରହିବେ ବୋଲି ସମସ୍ତେ କହିଥିଲେ । ଆୟୋଜିତ ଶୋକସଭାରେ ଟିକିଟି ଶାଖାର ପ୍ରଭାକର ସାହୁ, ସୁରେନ୍ଦ୍ରନାଥ ବେହେରା, ନାରାୟଣ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ଯଶୋଦା ଘଡେଇଙ୍କ ସହ ନରେନ୍ଦ୍ର ସାହୁ, ଭୁବନେଶ୍ୱର ପ୍ରଧାନ,ଭୀମ ବେହେରା, ରବି ନାରାୟଣ ସାହୁ, ପି.ଡିଲିରାଓ, ସରୋଜ ଜେନା,ଦୁର୍ଗା ପ୍ରସନ୍ନ ପାଢ଼ୀ, ରବୀନ୍ଦ୍ରନାଥ ବିଶୋୟୀ, ଦେବଦତ୍ତ ପଟ୍ଟନାୟକ, ରାଜ ଗୋପାଳ ପାଢ଼ୀ, ପ୍ରସାଦ କିରଣ ସୁବୁଦ୍ଧି, ଟି. ସଞ୍ଜୟ ପ୍ରୁଷ୍ଟି,ସନ୍ତୋଷ ବେହେରା, ବିପଦ ଭଞ୍ଜନ ପଣ୍ଡା, ଧୀରେନ୍ଦ୍ର ପ୍ରଧାନ, ରଞ୍ଜିତ ସାହୁ ଓ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

ସ୍ପଞ୍ଜ ଆଇରନ କାରଖାନାର ବେଖାତିର, ମରଣ ମୁହଁରେ ବଣାଇଁ ଅଂଚଳ

ବଣାଇଁ, ୦୨/୦୪ (ଆ.ପ୍ର) : ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଂଚାୟତରେ ରହିଥିବା ଶ୍ରୀହରି ସ୍ପଞ୍ଜ ଆଇରନ କାରଖାନା, ରିଲିଆବୁଲ ସ୍ପଞ୍ଜ, ଶିବା ମେଟାଲିକ, ସୁରେନ୍ଦ୍ର ମାଇନିଙ୍ଗ ସ୍ପଞ୍ଜ ଯୋଗୁଁ ବଣାଇ ଅଂଚଳର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଖ ପାଖ ଅଂଚଳରେ ଥିବା କୂଅ ପୋଖରୀ ଗଛ ଲତା ସବୁ କଳା ଧୂଆଁ ପଡି ନଷ୍ଟ ହେବାରେ ଲାଗିଛି । ବାଡ଼ି ବଗିଚାରେ କରିଥିବା ପନି ପରିବା କଳା ଧୂଆଁରେ ଖାଇବା ଉପଯୋଗୀ ହେଇ ପାରୁନାହିଁ । ସ୍ପଞ୍ଜ ଆଇରନ କାରଖାନା ଗଢ଼ି ଉଠିଥିଲେ ସୁଦ୍ଧା କେନ୍ଦ୍ରିକଳା ପଂଚାୟତକୁ ଅଣଦେଖା କରିବା ଲଜ୍ଜା ଜନକ । ଶ୍ରୀହରି ସ୍ପଞ୍ଜ ବିରୁଦ୍ଧରେ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ବର୍ତ୍ତମାନ ପଂଚାୟତ ଓ ପ୍ରଶାସନର ଅଗୋଚରରେ ଶ୍ରୀ ହରି ସ୍ପଞ୍ଜ ଆଇରନ କାରଖାନା ସମ୍ପ୍ରସାରଣ କରିବାରେ ଲାଗିଛି । ଶ୍ରୀହରି ସ୍ପଞ୍ଜ ପଂଚାୟତର ସ୍ୱୀକୃତି ନନେଇ କାମ କରୁଛି ବୋଲି ଅଭିଯୋଗ ହେଉଅଛି । ଯଦ୍ୱାରା ପଂଚାୟତ ବାସୀଙ୍କ ମଧ୍ୟରେ ଭାଲେଣି ପଡି ଯାଇଛି । ଏହି ଅଂଚଳ ମାନଙ୍କରେରେ ଅଧିକ ମାତ୍ରାରେ କାଡାନି ରୋଗ, ରକ୍ତ ହୀନତା ରୋଗ, ଚର୍ମ ରୋଗ ପ୍ରଭୃତି ଦେଖା ଦେଉଛି । ସ୍ପଞ୍ଜ କାରଖାନା ଗୁଡିକ ରାତିରେ ଯେଉଁ ମାତ୍ରାରେ କଳା ଧୂଆଁ ଛାଡୁଛନ୍ତି ଅଳ୍ପ ଦିନ ଭିତରେ ଲୋକ ମାନେ ଲୋପ ପାଇଯିବେ ବୋଲି ଚର୍ଚ୍ଚା ଲାଗି ରହିଛି ।

କସଡ଼ାରେ ପଂଚାୟତ ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ

ବଣାଇଁ, ୦୨/୦୪ (ଆ.ପ୍ର) : ବଣାଇ ବ୍ଲକ ଅନ୍ତର୍ଗତ କସଡ଼ା ପଂଚାୟତ ପରିସରରେ ପଂଚାୟତ ସ୍ତରୀୟ ଜନ ଶୁଣାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଣାଇ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରିଆ ଲାକ୍ରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ, ପଂଚାୟତ ନିର୍ବାହୀ ଅଧିକାରୀ ଜ୍ଞାନ ରଞ୍ଜନ ବିଶ୍ୱାଳ, ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ, କସଡ଼ା ସରପଂଚ ଅନନ୍ତ କୁମାର ପଟ୍ଟା ଉପସ୍ଥିତ ରହି ଜନ ସାଧାରଣଙ୍କ ଆପତି ଅଭିଯୋଗ ଜନ ଶୁଣାଣୀ କରିଥିଲେ । ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ଏମଜିଏନଆରଜିଏ ସହକାରୀ ପଂଚାୟତ ଅଧିକାରୀ, ମୃତିକା ସଂରକ୍ଷଣ ଅଧିକାରୀ , ବନ ବିଭାଗ କର୍ମଚାରୀ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ, ରାସ୍ତା, ପାନୀୟ ଜଳ ଯୋଗାଣ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ଜନ ସାଧାରଣଙ୍କ ଆପତି ଅଭିଯୋଗର ଜନ ଶୁଣାଣି କରିଥିଲେ ଏ ଏହି ଜନ ଶୁଣାଣିରେ ୧୧ ଗୋଟି ଅଭିଯୋଗ ଆସିଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ରାଜସ୍ୱ ସହାୟକ ଗୋପବନ୍ଧୁ ସାହୁ, ବ୍ଲକ ସହାୟକ ବିରଂଚି ନାରାୟଣ ଧରୁଆ, ଏମଜୀଏନଆରଇଜୀଏ ଅପରେଟର ବାସୁଦେବ ସାହୁ, ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ପରିଚାଳନା କରିଥିଲେ ।

ଟିକାବାଲି ଅଂଚଳ ଲୁଜୁରାମୁଣ୍ଡା ପ୍ରସିଦ୍ଧ ମାଁ ରୁଦ୍ରକାଳୀଙ୍କ ଝାମୁଯାତ୍ର ଅନୁଷ୍ଠିତ

ଟିକାବାଲି, ୦୨/୦୪ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଅନ୍ତର୍ଗତ ଲୁଜୁରାମୁଣ୍ଡା ଗ୍ରାମରେ ମାଁ ରୁଦ୍ର କାଳୀଙ୍କ ଦଣ୍ଡଯାତ୍ରା ଶୁଭ ଆରମ୍ଭ ହୋଇଅଛି । କିମ୍ବଦନ୍ତି ଅନୁସାରେ କହିବାକୁ ହେଲେ ଦୀର୍ଘ ୧୭୮୨ ମସିହାରେ ସୃଷ୍ଟି ମାଙ୍କ ଅଂଚଳରେ ଆବିର୍ଭାବ । କନ୍ଧମାଳ ଜିଲ୍ଲା ଟିକାବାଲି ଅନ୍ତରର୍ଗତ ଛତିଝାର ଗ୍ରାମର ବୁଣିଆଁ ଦୁଗାଳ ଚକାପାଦ ବାବା ଆନନ୍ଦେଶ୍ୱରଙ୍କ ଚରଣରେ ଏକ ସପ୍ତାହ ନିଜଳ ଉପବାସରେ ଗୁହାରି ପୋଡି ରହିଥିଲେ । ଏକ ସପ୍ତାହ ପର୍ଣ୍ଣବାପରେ ବାବା ଆନନ୍ଦେଶ୍ୱର ବୁଣିଆଁ ଦୁଗାଳଙ୍କୁ ନିଜ ହସ୍ତରେ ବର ପ୍ରଦାନ କରିଥିଲେ । ଏହି ଖବର ପାଇ ଟିକାବାଲି ହଦଗଡରେ ଅଂଚଳରେ ମାଙ୍କ ଆଗମନକୁ ଦେଖି ଉତ୍ସାହ ଲହରି ଖେଳି ଯାଇଥିଲା । ଟିକାବାଲି, ପୁରୁଣାଗଡ, ଡେଲ୍ଲୁଜିଗଡ, ଛତିଝାର ଏଭଳି ୪ ଗଡର ଗ୍ରାମର ଲୋକମାନେ ମିଳିତ ହୋଇ ଚକାପାଦ ଅଂଚଳକୁ ସମସ୍ତେ ଯାଇ ବୁଣିଆଁ ଦୁଗାଳଙ୍କୁ ବାଜା ବାଇଦ ବଜେଇ ବଡ ଆଡ଼ମ୍ବରରେ ଛତିଝାର ଗ୍ରାମକୁ ଆଣା ଯାଇଥିଲା । ଛତିଝାର ଗ୍ରାମରେ ମାଁ ରୁଦ୍ରକାଳି ଦଣ୍ଡଯାତ୍ରା ଚାଲୁ ରହିଥିବା ବେଳେ ଲୁଜୁରାମୁଣ୍ଡା ଗ୍ରାମର ଲୋକମାନେ ସବୁ ସର୍ବଦା ବିଭିନ୍ନ ରୋଗରେ ଆକ୍ରାନ୍ତ ପିଡିତ ହେଉଥିଲେ । ମା ଙ୍କ ଅନୁମତି କ୍ରମେ ଲୁଜୁରାମୁଣ୍ଡା ଗ୍ରାମର ଗ୍ରାମବାସୀ ଛତିଝାର ଗାଁକୁ ଯାଇ ବୁଣିଆଁ ଦୁଗାଳଙ୍କୁ ପାଦତଳେ ପଡି କହିଥିଲେ । ଅଂଚଳ ବାସୀ ମାଁ ରୁଦ୍ରକାଳିଙ୍କୁ ଆମ ଲୁଜୁରାମୁଣ୍ଡା ଗ୍ରାମକୁ ନେଇ ମାଁ ଙ୍କର ସେବା କଲେ ଗ୍ରାମର ଆରୋଗ୍ୟ ମୁକ୍ତ ପାଇ ପାରିବୁ ବୋଲି କହିଥିଲେ । ବୁଣିଆଁ ଦୁଗାଳ ୪ ଗଡ ଗ୍ରାମର ଲୋକଙ୍କୁ ଡାକିଲେ ସମସ୍ତେ ଉପସ୍ଥିତ ରହି ମାଁ ରୁଦ୍ରକାଳିଙ୍କୁ ଲୁଜୁରାମୁଣ୍ଡା ଦିଆ ଯାଇଥିଲା । ଏଭଳି ମାଁ ରୁଦ୍ରକାଳି ଲୁଜୁରାମୁଣ୍ଡାରେ ରହି ପ୍ରତେକ ବର୍ଷ ଚଇତ୍ର ବୋତ୍ର ମାସରେ ଦଣ୍ଡଯାତ୍ରା ଆରମ୍ଭ ହୋଇଅଛି । ଏହି ଦଣ୍ଡଯାତ୍ରାରେ ପୂଇତା ଧାରି ଉପାସିଆ ଭକ୍ତମାନେ ୨୦୦ରୁ ଉର୍ଦ୍ଧ୍ୱ ମାଁ ପାଖରେ ଅଧିଆ ପଡିଛନ୍ତି । ମାଁ ଙ୍କ ଆଗମନ ତା- ୦୧/୪/୨୫ରେ ରାତ୍ର ସମୟରେ ମାଁଙ୍କୁ ଜଳ ଘାଟରେ, ବା ବା ଆନନ୍ଦେଶ୍ୱର ଓ ମାଁ ରୁଦ୍ରକାଳୀ ଆର୍ଶ୍ଚିବାଦ ହେଲାପରେ ହଜାର ହଜାର ଭକ୍ତମାନେ ଉପବାସ ରହି ମାଁଙ୍କୁ ଦର୍ଶନ କରିଲା ପରେ ଗ୍ରାମ ମନ୍ଦିରକୁ ପଛଡି ଅଣାଯାଇଥିଲା । ମାଁ ରୁଦ୍ରକାଳି ଆଜି ଲୁଜୁରାମୁଣ୍ଡା ଗ୍ରାମରୁ ବାହାରି ଆଜି ତା- ୦୨/୪/ ରେ ପୁରୁଣାଗଡ, ୩/୪/ରେ କେଉଟସାହି, ୪ /ରେ ବାହାଡା ସାହି, ୫ / ଟିକାବାଲି , ୬/ ଚକାପାଦ ନନ୍ଦିନି, ୭/ ବଲ୍ଲଗଡ଼, ୮/ ଚକାପାଦ, ୯/ ଟିକାବାଲି, ୧୦/ ବର୍ଦ୍ଦିମୁଣ୍ଡା, ୧୧/ ଆରାବାକା, ୧୨/ ଉପରଖୋଲା, ୧୩/ ତାରିଖରେ ନିଜ ଗ୍ରାମରେ ମେରୁ ଓ ଝାମୁ ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଭଳି ଦଣ୍ଡଯାତ୍ରା ଟିକାବାଲି ବ୍ଲକ ତଥା ବିଭିନ୍ନ ଅଂଚଳ କୋଟିକିଗଡ, କଇଁଝର, ମାକୁଡ଼ବାଟା, ଗଣ୍ଡାଗାଁ, ବୁର୍ବିନାଜୁ, ମାକେରି ମାହା, ଗୁଟିଙ୍ଗିଆ, ପାଟାଙ୍ଗି , ଡାମିଗୁଡା, ପେନାଲା, ଏଭଳି ଦଣ୍ଡଯାତ୍ର । ଚାଲୁରହିଥିବାରୁ ଟିକାବାଲି ଅଂଚଳରେ ଚଳଚଂଚଳ ଦେଖିବାକୁ ମିଳିଛି ।

ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆ କାର୍ଯ୍ୟକ୍ରମ

ଜି.ଉଦୟଗିରି, ୦୨/୦୪ (ଆ.ପ୍ର) : ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ନୂଆ ବିଦ୍ୟାର୍ଥୀ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆ ପାଇଁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏବିଇଓ ଇଟେଇ ମୋତିଲାଲ ରାୟ ଓ ରଞ୍ଜନ କୁମାର ରାଉତରାୟ, ବିଆରସିସି ମିହିର କାନ୍ତ ପ୍ରଧାନ ଏବଂ ୯ ଜଣ ସିଆରସିସି ଉପସ୍ଥିତ ରହିଥିଲେ । ହାତିଶାଳ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଙ୍ଗନୱାଡ଼ି ଛାତ୍ରଛାତ୍ରୀ ଓ ଦିଦି ମାନେ ଉପସ୍ଥିତ ରହିଥିଲେ । ଏହି ସଚେତନତା ରଥ ୨ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଜି.ଉଦୟଗିରି ବ୍ଲକ ତଥା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ସମସ୍ତ ଗ୍ରାମ ଓ ସ୍କୁଲ ଗୁଡ଼ିକ ଭ୍ରମଣ କରି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଦେଖିବାକୁ ମିଳିଛି । ପୁରୋହିତ ସଂଜୟ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ପୂଜା ପାଠ ପରେ ବିଇଓ ଏବଂ ଏବିଇଓ ସବୁଜ ପତାକା ଦେଖାଇ ଏହି ସଚେତନ ରଥର ଶୁଭାରମ୍ଭ କରିଥିଲେ । ଶେଷରେ ସ୍କୁଲ ଛାତ୍ରୀ ମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଶେଷ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ଦିନ ନୂଆପଡ଼ା ଜିଲ୍ଲାପାଳଙ୍କ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ସ୍ୱୀକୃତ

ନୂଆପଡା, ୦୨/୦୪ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ଦିନ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ମିଳିଛି । ସମଗ୍ର ଓଡ଼ିଶାରେ ଓଡ଼ିଶା ସିଭିଲ ସେବାରେ କାର୍ଯ୍ୟରତ ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ କର୍ମ ଦକ୍ଷତା ଦୃଷ୍ଟିରୁ ପଦୋନ୍ନତି ପାଇଁ ସୁପାରିଶ ହୋଇଥିବା ବେଳେ ସେମାନଙ୍କୁ ଏବେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ପଦୋନ୍ନତି ମିଳିଛି । ଏହା ନୂଆପଡା ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବ ବିଷୟ ଅଟେ । ଶ୍ରୀଯୁକ୍ତ ଦାଶଙ୍କ ଯୋଗଦାନ ପରେ ଜିଲ୍ଲାରେ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ବିଭାଗୀୟ ଅଧିକାରୀଙ୍କୁ ସୁସଙ୍ଗଠିତ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ । ତାଙ୍କ ୮ ମାସର ପ୍ରଚେଷ୍ଟା ବଳରେ ନୂଆପଡା ଜିଲ୍ଲା ବିକାଶ କ୍ଷେତ୍ରରେ ବିଭିନ୍ନ ମାନଦଣ୍ଡରେ ସମଗ୍ର ରାଜ୍ୟରେ ଆଗୁଆ ଅଛି । ବିଶେଷ କରି ଜିଲ୍ଲାରୁ ପ୍ରବାସୀ ଶ୍ରମିକ ନିରାକରଣ କରିବା ପାଇଁ ତାଙ୍କ ଆନ୍ତରିକ ପ୍ରଚେଷ୍ଟା ବିଶେଷ ସଫଳ ହୋଇଛି । ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ଅନ୍ତ ବିଭାଗୀୟ ମାସିକ ସମନ୍ୱୟ ବୈଠକ ଭଳି ନୂତନ ପଦକ୍ଷେପ ଜିଲ୍ଲାରେ ବେଶ୍ ଆଦୃତ ହୋଇଛି । ଜିଲ୍ଲାପାଳଙ୍କ ପ୍ରଚେଷ୍ଟାରେ ଦୀର୍ଘ ବାର ବର୍ଷ ବ୍ୟବଧାନରେ ଜିଲ୍ଲାରେ ପୁଣି ମାଗାଗୁଡା ଲୋକ ମହୋତ୍ସବ ଆଡମ୍ବରରେ ଅନୁଷ୍ଠିତ ହୋଇ ପାରିଛି । ଜିଲ୍ଲାପାଳଙ୍କ ଏହି ପଦୋନ୍ନତିରେ ଖୁସିହୋଇ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଓ ପ୍ରଥମ ସାଧାରଣ ପରିଷଦ ବୈଠକ

ଧାମନଗର, ୦୨/୦୪ (ଆ.ପ୍ର) : ଧାମନଗର ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧି ମାନଙ୍କର ଶପଥ ଗ୍ରହଣ ଉତ୍ସବ ଓ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର କୋର୍ଟ ପରିସରରେ ଥିବା ଓକିଲ ସଂଘ ସଭାଗୃହରେ ପୂର୍ବତନ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ମାନଙ୍କୁ ମଂଚକୁ ଆହ୍ୱାନ କରାଯାଇଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଆଇନଜୀବୀ ନିରାକାର ଜେନା ଉପସ୍ଥିତ ରହି ଲଗାତାର ଭାବେ ତୃତୀୟ ଥର ପାଇଁ ନିର୍ବାଚିତ ସଭାପତି ଅଶୋକ କୁମାର ଦାସ ଓ ସାଧାରଣ ସମ୍ପାଦକ ରଣଜିତ ମହାନ୍ତିଙ୍କ ସହ କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର, ଉପସଭାପତି ପ୍ରଜ୍ଞା ଦାସ, ସହ ସମ୍ପାଦିକା ମିନତୀ ମଲ୍ଲିକ, କାର୍ଯ୍ୟକାରୀ ସଭ୍ୟ ମନୋଜ କୁମାର ଗୁପ୍ତା ଓ ଶାନ୍ତନୁ ଦାସଙ୍କ ସମେତ କର୍ମକର୍ତ୍ତା ମାନଙ୍କୁ ବିଧିବଦ୍ଧ ଭାବେ ଶ୍ରୀ ଜେନା ଶପଥ ପାଠ କରାଇଛନ୍ତି । ଏହି ଅବସରରେ ଓକିଲ ସଂଘର ଏକତା ଓ ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ନୂତନ ସଭାପତି ଓ ସମ୍ପାଦକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ପ୍ରାରମ୍ଭରେ ମଂଚ ସଂଚାଳନ କରୁଥିବା ସଭାପତି ଶ୍ରୀ ମହାନ୍ତିଙ୍କ ଆହ୍ୱାନ କ୍ରମେ ନିର୍ବାଚିତ ନୂତନ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ସଭ୍ୟ ସଭ୍ୟା ଓ କୋର୍ଟର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତିଙ୍କ ଓକିଲ ସଂଘ ପକ୍ଷରୁ ଉତରିୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ଆଇନଜୀବୀ ବିଜୟ କୁମାର ରାମ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫' ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ

ଜଗତସିଂହପୁର, ୦୨/୦୪ (ଆ.ପ୍ର) : ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଜଗତସିଂହପୁର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା । କଳା, ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ମାଟିର ସୁଯୋଗ୍ୟ ସନ୍ତାନମାନେ ଉତ୍କଳ ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଦଳମତ ନିର୍ବିଶେଷରେ ସମସ୍ତେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅସ୍ମିତାକୁ ଘରେ ଘରେ ପହଂଚାଇବା ପାଇଁ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ କହିଲେ ଜଗତସିଂହପୁର ମାଟି ରେ ସାରସ୍ୱତ ସାଧନା ସର୍ବ ବିଦିତ । ଜିଲ୍ଲା ଗଠନ ହେବା ପରେ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି । ଜିଲ୍ଲା ପ୍ରଗତି ପଥରେ ଆଗେଇ ଚାଲିଛି । ଏହି ପ୍ରଗତିରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ,ବାଲିକୁଦା – ଏରସମା ସାରଦା ପ୍ରସନ୍ନ ଜେନା କହିଲେ ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ଜଗତସିଂହପୁରର ଅବଦାନ ରହିଛି । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ତିର୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ କହିଲେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଜଗତସିଂହପୁର ଜିଲ୍ଲାର ଅବଦାନ ଯଥେଷ୍ଟ ରହିଛି । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଜଗତସିଂହପୁର ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଜିଲ୍ଲାର ଐତିହ୍ୟ, ସଂସ୍କୃତି ସଂପର୍କରେ ଅବଗତ କରାଇଥିଲେ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଭବାନୀ ଶଙ୍କର ଉଦ୍‌ଗାତା କହିଲେ ଜିଲ୍ଲା ର ଉନ୍ନତି ପ୍ରଗତି ଜିଲ୍ଲାବାସୀ ଙ୍କ ର କାମ୍ୟ ।ଏହି ଉତ୍ସବରେ ଜିଲ୍ଲାପାଳ ଜେ ସୋନାଲ ଅଧ୍ୟକ୍ଷତା କରି କହିଲେ ଆଜି ହେଉଛି ସେହି ଦିବସ ଯେଉଁ ଦିବସରେ ସମଗ୍ର ଭାରତ ବର୍ଷରେ ଏକ ଭାଷାଭିତିକ ରାଜ୍ୟ ଗଠନ ହୋଇଥିଲା । ସେହି ରାଜ୍ୟଟି ଆମ ଜନ୍ମଭୂମି ଓଡିଶା । ଓଡ଼ିଶା ଦିବସ ସହିତ ଜିଲ୍ଲା ଉତ୍ସବ କଲ୍ଲୋଳ ୫ ଦିନ ବ୍ୟାପି ଚାଲିବ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଆୟୋଜିତ ବକ୍ତୃତା ଦେଶାତ୍ମବୋଧକ ସଂଗୀତ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ରାମଧୂନ୍ ସହରରେ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ମିଳିତ ହୋଇଥିଲେ । ସେଠାରେ ପୁରୋହିତପୁର କୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ପିଲାମାନଙ୍କୁ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଜେ ସୋନାଲ ପିଲା ମାନଙ୍କୁ ଓଡ଼ିଶାର ଇତିହାସକୁ ଜାଣିବା ପାଇଁ ଉପଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରାକୁ ବିଧାୟକ ଶ୍ରୀ ଦାସ ଶୁଭ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଦିବସ ଓ ଜିଲ୍ଲା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜିବୀ, ଆଇନଜୀବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପରିଶେଷରେ ଓଡିଶୀ ନୃତ୍ୟ, ବିବିଧ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ଓରମାସ ପକ୍ଷରୁ ଆୟୋଜିତ ଷ୍ଟଲ୍ ରେ ୧୫୦ ଷ୍ଟଲ୍ ରେ ଜିଲ୍ଲା, ତଥା ରାଜ୍ୟ ବାହାରୁ ଆସିଥିବା ଷ୍ଟଲ, ବିଭାଗୀୟ ଷ୍ଟଲ୍ ଏବଂ ଖାଦ୍ୟ ଷ୍ଟଲ ଆୟୋଜିତ ହୋଇଛି ।

ଲକ୍ଷ୍ନୌକୁ ଶୋଚନୀୟ ଭାବେ ହରାଇଲା ପଞ୍ଜାବ

ଲକ୍ଷ୍ନୌ,୦୨/୦୪(ନ୍ୟୁ.ଏ):ବୋଲରଙ୍କ ପରେ ଦମ ଦେଖାଇଲେ ବ୍ୟାଟରେ । ଲକ୍ଷ୍ନୌରେ ଖେଳା ଯାଇଥିବା ଆଇପିଏଲ୍ ୨୦୨୫ର ୧୩ତମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି ପଞ୍ଜାବ କିଙ୍ଗ୍ । ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ତାରି ଘରେ ୮ ୱିକେଟ୍‌ରେ ହରାଇଛି ପଞ୍ଜାବ । ଏଥିସହ ଚଳିତ ସିଜିନରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଦଳ । ଅନ୍ୟପଟେ ଏଲଏସଜି ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଭୋଗିଛି । ଲକ୍ଷ୍ନୌ ଦ୍ୱାରା ଧାର୍ଯ୍ୟ ୧୭୨ ରନର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୬.୨ ଓଭରରେ ୨ ୱିକେଟ୍ ହରାଇ ହାସଲ କରି ନେଇଛି । ପ୍ରଭସିମରନ ସିଂ ୬୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଶ୍ରେୟସ ଆୟର ୫୨ ରନ ଓ ନେହଲ ୱେଧେରା ୪୩ ରନ ଅପରାଜିତ ଇନିଂସ ଖେଳିଛନ୍ତି । ବିଜୟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଦ୍ୱିତୀୟକୁ ଉଠିଥିବା ବେଳେ ଲକ୍ଷ୍ନୌ ଷଷ୍ଠକୁ ଖସିଛି । ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଲକ୍ଷ୍ନୌ । ଦଳ ୧ ରନ ସ୍କୋରରେ ମିଚେଲ୍ ମାର୍ଶ(୦)ଙ୍କ ରୂପେ ପ୍ରଥମ ୱିକେଟ୍ ହରାଇଥିଲା । ଭଲ ବ୍ୟାଟିଂ କରୁଥିବା ଆଡେନ ମାରକ୍ରମ ୨୮ ରନ କରି ଆଉଟ୍ ହୋଇଥିଲେ । ଅଧିନାୟକ ଋଷଭ ପନ୍ତ ନିଜର ଖରାପ ଫର୍ମ ଜାରି ରଖି ମାତ୍ର ୨ ରନ କରି ପାଭିଲିୟନ ଫେରିଥିଲେ । ମଧ୍ୟକ୍ରମରେ ନିକୋଲାସ ପୂରନ ଓ ଆୟୁଷ ବାଦୋନି ଇନିଂସ ସମ୍ଭାଳିଥିଲେ । ନିକୋଲାସ ପୂରନ ୩୦ ବଲରୁ ୫ ଚୌକା ଓ ୨ ଛକା ଜରିଆରେ ୪୪ ରନ କରିଥିଲେ । ଡେଭିଡ୍ ମିଲର ଧିମା ୧୯ ରନ କରିଥିଲେ । ଆୟୁଷ ବାଦୋନି କ୍ରିଜରେ ସେଟ୍ ହୋଇଥିଲେ ହେଁ ବିସ୍ଫୋରକ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ । ସେ ୩୩ ବଲରୁ ୪୧ ରନ କରି ପାଭିଲିୟ ଫେରିଥିଲେ । ଶେଷ ଆଡ଼କୁ ଅବଦୁଲ ସାମଦ ୧୨ ବଲରୁ ୨୭ ରନ କରିବାରୁ ଲକ୍ଷ୍ନୌ ୭ ୱିକେଟ୍ ହରାଇ ୧୭୧ ରନ କରି ପାରିଛି । ବୋଲିଂରେ ଅର୍ଶଦୀପ ସିଂ ୪୩ ରନ ଦେଇ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଲୋକି ଫର୍ଗ୍ୟୁସନ, ଗ୍ଲେନ ମ୍ୟାକ୍ସୱେଲ, ମାର୍କୋ ଜନସେନ ଓ ଯୁଜବେନ୍ଦ୍ର ଚହଲ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି । ଜବାବରେ ପଞ୍ଜାବ କିଙ୍ଗସ ଆରମ୍ଭରୁ ୱିକେଟ୍ ହରାଇଥିଲା । ପ୍ରିୟଂଶ ଆର୍ଯ୍ୟ ୮ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ପ୍ରଭସିମରନ ସିଂ ଧୂଆଁଧାର ବ୍ୟାଟିଂ କରିଥିଲେ । ଆଉ ଅଧିନାୟକ ଶ୍ରେୟସ ଆୟର ତାଙ୍କୁ ଉତ୍ତମ ସହଯୋଗ ଦେଇଥିଲେ । ଦୁଇ ବ୍ୟାଟର ଦ୍ରୁତ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରେ ୮୪ ରନ ଯୋଡି ଦଳ ବିଜୟ ସୁନିଶ୍ଚିତ କରିଥିଲେ । ପ୍ରଭସିମରନ ୩୪ ବଲରୁ ୯ ଚୌକା ଓ ୩ ଛକା ସହ ୬୯ ରନ କରି ପାଭିଲିୟନ ଫେରିଥିଲେ । ଅଧିନାୟକ ଶ୍ରେୟସ ଆୟର ଆଉ ଏକ ଦମଦାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ସେ ଓ ନେହଲ ୱେଧେରା ଅବିଭାଜିତ ତୃତୀୟ ଯୋଡିରେ ୬୭ ରନ ଯୋଡି ଦଳକୁ ଜିତାଇଥିଲେ । ଶ୍ରେୟସ ୩୦ ବଲରୁ ୩ ଚୌକା ଓ ୪ ଛକା ଜରିଆରେ ୫୨ ରନ କରି ଅପରାଜିତ ଥିଲେ । ନେହଲ ୱେଧେରା ୪୩ ରନର ବିସ୍ଫୋରକ ଇନିଂସ ଖେଳି କ୍ରିଜରେ ଥିଲେ । ପଞ୍ଜାବ ୧୬.୨ ଓଭରରେ ମାତ୍ର ୨ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଏଲଏସଜିର ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ ।

ଘରୋଇ କ୍ରିକେଟ୍ ଖେଳିବେ ଜୈସ୍ୱାଲ

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ଟିମ୍ ଇଣ୍ଡିଆର ଓପନର ଯଶସ୍ୱୀ ଜୈସ୍ୱାଲ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଆଇପିଏଲ୍‌ରେ ରାଜସ୍ଥାନ ପାଇଁ ଭଲ ପ୍ରଦର୍ଶନ କରିପାରି ନଥିବା ଜୈସ୍ୱାଲ ନିଜର ପୁରୁଣା ଟିମ୍ ଛାଡ଼ିବେ । ଏନେଇ ସେ ଚିଠି ଲେଖି ମଧ୍ୟ ଜଣାଇଛନ୍ତି । ଯଶସ୍ୱୀ ଜୈସ୍ୱାଲ ଘରୋଇ କ୍ରିକେଟରେ ମୁମ୍ବାଇ ଟିମ୍ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେ ବ୍ୟକ୍ତିଗତ କାରଣ ଦର୍ଶାଇ ମୁମ୍ବାଇ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଜୈସ୍ୱାଲ ମୁମ୍ବାଇ କ୍ରିକେଟ୍ ସଂଘକୁ ଚିଠି ଲେଖି ମୁମ୍ବାଇ ପରିବର୍ତ୍ତେ ଗୋଆ ପାଇଁ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ମୁମ୍ବାଇ କ୍ରିକେଟ୍ ସଂଘ (ଏମସିଏ) ଜୈସ୍ୱାଲଙ୍କ ଏହି ଆବେଦନକୁ ସ୍ୱୀକାର କରିଛି । ୨୩ ବର୍ଷୀୟ ଓପନର ଜୈସ୍ୱାଲ ଏବେ ୨୦୨୫-୨୬ ସିଜିନରେ ଗୋଆ ପାଇଁ ଖେଳିବେ । ମୁମ୍ବାଇ କ୍ରିକେଟ୍ ସଂଘର ଜଣେ ଅଧିକାରୀ କହିଛନ୍ତି, 'ଏହା ଆଶ୍ଚର୍ଯ୍ୟଜନକ ଅଟେ । ସେ କିଛି ଭାବି ବିଚାରି ଏହି ପଦକ୍ଷେପ ନେଇଥିବେ । ଆମେ ତାଙ୍କ ଅନୁରୋଧକୁ ସ୍ୱୀକାର କରିଛୁ ଏବଂ ତାଙ୍କୁ ରିଲିଜ୍ କରିଦିଆଯାଇଛି ।' ଜୈସ୍ୱାଲ ମୁମ୍ବାଇ ପକ୍ଷରୁ ଶେଷ ଥର ପାଇଁ ଜାମ୍ମୁ କାଶ୍ମୀର ବିପକ୍ଷରେ ଜାନୁଆରୀ ୨୩-୨୫ରେ ରଣଜୀ ଟ୍ରଫିର ଲିଗ୍ ମ୍ୟାଚ୍ ଖେଳିଥିଲେ । ଦୁଇଟି ଇନିଂସରେ ସେ ୪ ଓ ୨୬ ରନ୍ କରିଥିଲେ । ସେହି ମ୍ୟାଚ୍‌ରେ ରଣଜୀ ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ମୁମ୍ବାଇକୁ ହରାଇଥିଲା ଜାମ୍ମୁ କାଶ୍ମୀର ।

ଗରିବଙ୍କୁ ସଶକ୍ତ କରିବା ସହ ବିକାଶକୁ ଗତିଶୀଳ କରିବ ୱକଫ୍ ସଂଶୋଧନ ବିଲ

ମାର୍ଚ୍ଚ,୦୨/୦୪(ପିଆଇବି)ୱାକଫ୍ ସର୍ବଦା ଗରିବଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଆବାସ ଏବଂ ସହାୟତା ପ୍ରଦାନ କରି ଜନ ସମ୍ପ୍ରଦାୟକୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ । କିନ୍ତୁ, ପରିଚାଳନାଗତ ଅବ୍ୟବସ୍ଥା, ଦୁର୍ନୀତି ଏବଂ ଦକ୍ଷତାହୀନତା ଭଳି ସମସ୍ୟା ପ୍ରାୟତଃ ୱକଫ ସମ୍ପତ୍ତିକୁ ସବୁଠୁ ଅସହାୟ ଗରିବଙ୍କୁ ଉପକୃତ କରିବାରେ ବାଧା ସୃଷ୍ଟି କରିଛି । ୱାକଫ୍ (ସଂଶୋଧନ) ବିଲ୍, ୨୦୨୫, ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ କରିବା ସହ ଦାରିଦ୍ର୍ୟ ହ୍ରାସ ଉପରେ ଧ୍ୟାନ ଦେଇ ଏହାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି । ୱକଫ ପରିଚାଳନାରେ ଏକ ବଡ଼ ସମସ୍ୟା ହେଉଛି ସ୍ୱଚ୍ଛତାର ଅଭାବ, ଯାହା ଦୁର୍ନୀତି ଏବଂ ପାଣ୍ଠିର ଅପବ୍ୟବହାରର କାରକ ସାଜିଛି । ନୂତନ ବିଲ୍ ସମସ୍ତ ୱାକଫ୍ ସମ୍ପତ୍ତିକୁ ରେକର୍ଡ କରିବା ପାଇଁ ଏକ ଡିଜିଟାଲ୍ ପୋର୍ଟାଲ୍ ପ୍ରଚଳନ କରିବାକୁ ଯାଉଛି, ଯାହା ସେମାନଙ୍କୁ ଟ୍ରାକ୍ ଏବଂ ଅଡିଟ୍ କରିବା ସହଜ କରିଥାଏ । ଏହା ସୁନିଶ୍ଚିତ କରେ ଯେ ପାଣ୍ଠିର ଅପବ୍ୟବହାର ନ ହେଉ ଏବଂ ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖର୍ଚ୍ଚ ହେଉ । ବାଧ୍ୟତାମୂଳକ ଆର୍ଥିକ ଅଡିଟ୍ ଏବଂ ଡିଜିଟାଲ୍ ରେକର୍ଡ ସହିତ, ଏହି ପରିବର୍ତ୍ତନ ଦୁର୍ନୀତି ହ୍ରାସ କରିବ ଏବଂ ୱକଫ ପରିଚାଳନାକୁ ଲୋକଙ୍କ ପ୍ରତି ଅଧିକ ଉତ୍ତରଦାୟୀ କରିବ । ୱାକଫ୍ ସମ୍ପତ୍ତି ଏବଂ ପାଣ୍ଠି ଗରିବଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ହେବା ସୁନିଶ୍ଚିତ କରିବ । ମାଗଣା କିମ୍ବା ସ୍ୱଳ୍ପ ମୂଲ୍ୟର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୱକଫ ଜମିରେ କ୍ଲିନିକ୍ ଏବଂ ଡାକ୍ତରଖାନା ପ୍ରତିଷ୍ଠା କରାଯିବ । ଚିକିତ୍ସା ସହାୟତା କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବା ପାଇଁ ଦାତବ୍ୟ ସଂସ୍ଥା ସହିତ ଭାଗିଦାରୀ କରିବା ସମ୍ଭବ ହେବ । ଗରିବ ଅଂଚଳରେ ଔଷଧ ଏବଂ ଅତ୍ୟାବଶ୍ୟକ ଚିକିତ୍ସା ଅଧିକ ଉପଲବ୍ଧ କରାଇବା ସମ୍ଭବ ହେବ । ଉନ୍ନତ ପରିଚାଳନା ଦ୍ୱାରା ଅଧିକରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ, ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ ଏବଂ ଜନସ୍ୱାସ୍ଥ୍ୟରେ ଉନ୍ନତି ଆସିବ । ଦାରିଦ୍ର୍ୟ ବିରୋଧୀ ଲଢ଼େଇରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବିଲରେ ଥିବା ବ୍ୟବସ୍ଥା ଆଧାରରେ ୱକଫ ପାଣ୍ଠିକୁ ବିଦ୍ୟାଳୟ ଏବଂ ମଦ୍ରାସା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ, ଗରିବ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଚାକିରି କୌଶଳ ଶିକ୍ଷା ଦେବା ପାଇଁ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକୁ ସହାୟତା କରିବ କ୍ଷେତ୍ରରେ ବିନିଯୋଗ କରାଯିବ । ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରି, ଏହି ବିଲ୍ ଗରିବ ପୃଷ୍ଠଭୂମିର ଲୋକଙ୍କୁ ଉନ୍ନତ ଚାକିରି ପାଇବାରେ ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ । ଅଧିକାଂଶ ଗରିବ ଲୋକ ବାସଗୃହ ଖଣ୍ଡେ ପାଇବା ଲାଗି ସଂଘର୍ଷ କରିଥା'ନ୍ତି । ବିଲ୍ ୱାକଫ୍ ବୋର୍ଡକୁ ସୁଲଭ ବାସଗୃହ ପାଇଁ ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦିଏ । ଧାରା ୩୨(୪) ଆଧାରରେ, ଗରିବଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ବାସଗୃହ ନିର୍ମାଣ କରିବା, ଗୃହହୀନଙ୍କ ପାଇଁ ଆଶ୍ରୟସ୍ଥଳୀ ପ୍ରଦାନ କରିବା ଏବଂ ସ୍ୱଳ୍ପ ଆୟକାରୀ ପରିବାର ପାଇଁ ରିହାତି ଭଡ଼ା କାର୍ଯ୍ୟକ୍ରମ ସୃଷ୍ଟି କରିବାରେ ବିନିଯୋଗ କରାଯିବ । ଏହାଦ୍ୱାରା ୱକଫ ସମ୍ପତ୍ତିକୁ ଅଣବ୍ୟବହୃତ କିମ୍ବା ବେଆଇନ ଭାବେ ଦଖଲ କରାଯିବା ପରିବର୍ତ୍ତେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରିବା ସୁନିଶ୍ଚିତ ହେବ ।

ପାକିସ୍ତାନରେ ଭୂକମ୍ପ ଝଟକା

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ଭାରତର ପଡ଼ୋଶୀ ଦେଶ ପାକିସ୍ତାନରେ ଭୂମିକମ୍ପ ଝଟକା । ନ୍ୟାସନାଲ ସେଣ୍ଟର ଫର୍ ସେସମୋଲୋଜି ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୩ ମାପ କରାଯାଇଥିଲା । ତଥାପି, ଏପର୍ଯ୍ୟନ୍ତ କୌଣସି ପ୍ରକାରର କ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ । ପାକିସ୍ତାନରେ ଭୂମିକମ୍ପ ଏକ ନୂଆ କଥା ନୁହେଁ, କାରଣ ଏହି ଅଂଚଳ ଭୂକମ୍ପ ଦୃଷ୍ଟିକୋଣରୁ ବହୁତ ସମ୍ବେଦନଶୀଳ । ପାକିସ୍ତାନର ଅଧିକାଂଶ ଅଂଶ ହିନ୍ଦୁକୁଶ, ତିବ୍ବତ ଏବଂ ହିମାଳୟର ଭୂକମ୍ପ ପ୍ରବଣ କ୍ଷେତ୍ର ନିକଟରେ ଅବସ୍ଥିତ । ଯେଉଁଠାରେ ପ୍ରାୟତଃ ଛୋଟ କିମ୍ବା ବଡ଼ ଭୂମିକମ୍ପ ଘଟେ । ଗୋଟିଏ ଦିନ ପୂର୍ବରୁ ମିଆଁମାରରେ ହୋଇଥିଲା ଭୂମିକମ୍ପ ଏହି ଭୂମିକମ୍ପର ଗୋଟିଏ ଦିନ ପୂର୍ବରୁ, ଅର୍ଥାତ୍ ଏପ୍ରିଲ ୧ ତାରିଖରେ ମିଆଁମାରରେ ଦୁଇଟି ଭୂମିକମ୍ପ ଅନୁଭୂତ ହୋଇଥିଲା । ପ୍ରଥମ ଭୂମିକମ୍ପଟି ୪.୭ ତୀବ୍ରତାର ଥିଲା । ଯାହା ଭାରତୀୟ ସମୟ ଅନୁସାରେ ଅପରାହ୍ନ ୪:୩୧ ସମୟରେ ଘଟିଥିଲା । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ମିଆଁମାରରେ ୧୮ କିଲୋମିଟର ଗଭୀରରେ ଥିଲା । ଏହା ପରେ, ମିଆଁମାରରେ ରାତି ୮:୫୭ ରେ ୪.୫ ତୀବ୍ରତାର ଦ୍ୱିତୀୟ ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଥିଲା ।

ଦିଲ୍ଲୀ ବାୟୁ ପୁଣି ପ୍ରଦୁଷିତ ଜାରି ହେଲା ଗ୍ରାପ୍ -୧ କଟକଣା

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ଗତ ୪ ଦିନ ହେଲା ରାଜଧାନୀ ଦିଲ୍ଲୀର ବାୟୁ ମଧ୍ୟମ ଶ୍ରେଣୀରେ ରହିବା ପରେ ବୁଧବାର ପୁଣି ପ୍ରଦୂଷିତ ହୋଇଛି । ଏଣୁ ଜାତୀୟ ରାଜଧାନୀରେ ଗ୍ରେଡେଡ ରେସ୍ପନସ ଆକ୍ସନ ପ୍ଲାନ (ଜିଆରଏପି)୧ କଟକଣା ଜାରି କରାଯାଇଛି । ମାର୍ଚ୍ଚ ୨୯ ତାରିଖରେ ଦିଲ୍ଲୀର ବାୟୁମାନରେ ବେଶ ସୁଧାର ଦେଖାଯାଇଥିଲା । ଏଣୁ ଜାରିଥିବା ସମସ୍ତ କଟକଣା ପ୍ରତ୍ୟାହାର କରି ନିଆଯାଇଥିଲା । ତେବେ ପୁଣି ବାୟୁମାନ ଖରାପ ହୋଇଥିବାରୁ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନ (ସିଏକ୍ୟୁଏମ) କଟକଣା ଲାଗୁ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି କଟକଣା ଅନୁସାରେ ଯେଉଁ ଡିଜେଲ ଓ ପେଟ୍ରୋଲ ଚାଳିତ ଯାନବାହନଙ୍କ ସମୟସୀମା ଶେଷ ହୋଇସାରିଛି ସେପରି ବାହନ ଚଳାଚଳ ଉପରେ ରୋକ ଲାଗିବ । ସେହିପରି ସହରାଂଚଳରେ କୌଣସି ଠାରେ ଆବର୍ଜନା ଜଳାଇବା ଉପରେ ମଧ୍ୟ କଟକଣା ରହିବ । ଏହା ଛଡା ହୋଟେଲ ଓ ରେଷ୍ଟୁରାଣ୍ଟମାନଙ୍କରେ କୋଇଲା ଓ କାଠ ଜଳେଣି ଉପରେ ରୋକ ଲାଗିବ । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁସାରେ ବୁଧବାର ଜାତୀୟ ରାଜଧାନୀର ଏକ୍ୟୁଆଇ ୨୧୭ ରହିଛି । ମାର୍ଚ୍ଚ ୨୯ରେ ଏହା ୧୫୩ ଅର୍ଥାତ ମଧ୍ୟମ ଶ୍ରେଣୀରେ ଥିଲା । ତେବେ କେବଳ ଦିଲ୍ଲୀ ନୁହେଁ ଏନସିଆର ଅଂଚଳରେ ବୁଧବାର ବାୟୁର ମାନ ବିଗଡି ଯାଇଛି । ପାଣିପାଗ ଦୃଷ୍ଟିରୁ ଏବେ ଦିଲ୍ଲୀ ବାୟୁମାନରେ ସେପରି କୌଣସି ସୁଧାର ହେବାର ସମ୍ଭାବନା ନାହିଁ । ଏଣୁ ବାୟୁମାନ ଯେପରି ବଦଳିବ ସେହି ଅନୁସାରେ ଜିଆରଏପି ମଧ୍ୟ ବଦଳାଯିବ ଓ ଜାତୀୟ ରାଜଧାନୀରେ ଅଧିକରୁ ଅଧିକ କଟକଣା ଲାଗୁ ହେବ ।

ଦେଶର ୬୦୯ ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ଦେବାକୁ ନାରାଜ

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ଦେଶର ୬୦୦ରୁ ଅଧିକ ଘରୋଇ ହସ୍ପିଟାଲ୍ ଆୟୁଷ୍ମାନ ଭାରତ ଯୋଜନାରୁ ଓହରି ଯାଇଛନ୍ତି । ସଂସଦରେ ଖୋଦ୍ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏହା କହିଛନ୍ତି । ୨୦୧୮ ମସିହାରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (AB-PMJAY) ଆରମ୍ଭ ହୋଇଥିଲା । ଏହା ପରଠାରୁ ବିଭିନ୍ନ କାରଣ ଯୋଗୁଁ ୬୦୦ରୁ ଅଧିକ ଘରୋଇ ହସ୍ପିଟାଲ୍ ସ୍ୱେଚ୍ଛାକୃତ ଭାବରେ ଏହି ଯୋଜନାରୁ ଓହରିଛନ୍ତି । ଏହି କାରଣଗୁଡ଼ିକ ମଧ୍ୟରେ ବିଳମ୍ବରେ ଦେୟ ପୈଠ ଏବଂ ପରିଶୋଧ ହାର କମ ସାମିଲ ରହିଛି । ଗୁଜରାଟରେ ସବୁଠୁ ଅଧିକ ୨୩୩ ହସ୍ପିଟାଲ ଯୋଜନାରୁ ସ୍ୱେଚ୍ଛାକୃତ ଭାବେ ବାହାରି ଯାଇଛନ୍ତି । ଏହାପରେ କେରଳ ୧୪୬ ଏବଂ ମହାରାଷ୍ଟ୍ର ୮୩ଟି ହସ୍ପିଟାଲ୍ ଯୋଜନାରୁ ବାହାରି ଯାଇଛନ୍ତି । ରାଜ୍ୟସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଯୋଜନା ଆରମ୍ଭ ହେବା ପରଠାରୁ ମୋଟ ୬୦୯ଟି ଘରୋଇ ହସ୍ପିଟାଲ ଏହି ଯୋଜନାରୁ ଓହରି ଯାଇଛନ୍ତି । ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ହେଉଛି ବିଶ୍ୱସ୍ତରରେ ସର୍ବବୃହତ ସରକାରୀ ସମର୍ଥିତ ବୀମା ଯୋଜନା ମଧ୍ୟରୁ ଗୋଟିଏ । ଏଥିରେ ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବିମାନ ପ୍ରଦାନ କରାଯାଏ । ବର୍ତ୍ତମାନ ସମୟରେ ଏହି ଯୋଜନା ସହ

୩୧,୮୦୫ ହସ୍ପିଟାଲ ଅନୁବନ୍ଧିତ ଅଛନ୍ତି । ଏଥି ମଧ୍ୟରୁ ୧୪,୩୯୪ଟି ଘରୋଇ ହସ୍ପିଟାଲ୍ ଅଛନ୍ତି । ୨୦୧୮ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରଥମେ ୧୦୭.୪ ନିୟୁତ ଗରିବ ଏବଂ ଅତି ଗରିବ ପରିବାରକୁ କଭର୍ କରିଥିଲା । ଏହାପରେ ୨୦୨୨ ଜାନୁଆରୀରେ ଏହି ଯୋଜନାକୁ ଆହୁରି ବିସ୍ତାର କରାଯାଇଥିଲା । ଯୋଜନାରେ ୧୨୫ ନିୟୁତ ପରିବାର ବା ୫୫୦ ନିୟୁତ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ୨୦୨୪ରେ ଏହି ଯୋଜାନାରେ ଆଶା ଓ ଅଙ୍ଗନବାଡ଼ି କର୍ମୀ ଓ ସେମାନଙ୍କ ପରିବାରକୁ ସାମିଲ କରାଯାଇଥିଲା । ଏହି ସଂଖ୍ୟା ପ୍ରାୟ ୩.୭ ନିୟୁତ ଥିଲା । ପରେ କେନ୍ଦ୍ର ସରକାର ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଏହି ଯୋଜନା ଅଧିନରେ ମାଗଣା ଚିକିତ୍ସା ମିଳିବ ବୋଲି ଘୋଷଣା କରିଥିଲେ । ଏହି ଘୋଷଣା ଦ୍ୱାରା ୬୦ ନିୟୁତ ବୟସ୍କ ନାଗରିକ ଉପକୃତ ହେବେ ବୋଲି ସରକାର କହିଥିଲେ । ଓଡ଼ିଶା ଓ ଦିଲ୍ଲୀ ଏହି ଯୋଜନାରେ ସାମିଲ ହେବାକୁ ଯାଉଛନ୍ତି, ଯାହାପରେ ହିତାଧିକାରୀଙ୍କ ସଂଖ୍ୟା ଆହୁରି ଅଧିକ ହେବ । ଯୋଜନା କ୍ରିୟାନ୍ୱୟନରେ ଥିବା ବିଭିନ୍ନ ସମସ୍ୟାର ଦୂରୀକରଣ ଓ ଘରୋଇ ହସ୍ପିଟାଲଙ୍କ ଅଧିକ ଅଂଶଗ୍ରହଣ ପାଇଁ ଗତ ବର୍ଷ ମାର୍ଚ୍ଚରେ ନିତି ଆୟୋଗ ସଦସ୍ୟ ଭିକେ ପଲଙ୍କ ନେତୃତ୍ୱରେ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଥିଲା ।

ମିଆଁମାର ଭୂକମ୍ପ; ମୃତ୍ୟୁସଂଖ୍ୟା ୨୭୦୦ ପାର

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ମିଆଁମାରରେ ଆସିଥିବା ଭୟଙ୍କର ଭୂମିକମ୍ପ ପାଇଁ ହାହାକାର ପରିସ୍ଥିତି । ଏହି ଘଟଣାରେ ମୃତ୍ୟୁସଂଖ୍ୟା ବଢ଼ି ୨,୭୧୯ରେ ପହଂଚିଛି । ଦେଶର ସୈନ୍ୟ ସରକାରଙ୍କ ଆକଳନ ଅନୁସାରେ ଏହା ୩ ହଜାର ଟପିବାର ଆଶଙ୍କା ରହିଛି । ସେହିପରି ଆହତଙ୍କ ସଂଖ୍ୟା ୪,୫୦୦ ଟପିଛି । ଏବେ ବି ପ୍ରାୟ ୪୫୦ ଜଣ ନିଖୋଜ ଅଛନ୍ତି । ବିପର୍ଯ୍ୟୟ ପରେ ଦେଶରେ ୭ ଦିନିଆ ଶୋକ ପାଳନ ପାଇଁ ଘୋଷଣା ହୋଇଛି । ଏପ୍ରିଲ ୬ ପର୍ଯ୍ୟନ୍ତ ଦେଶରେ ଜାତୀୟ ପତାକା ଅଧା ନଇଁ ରହିବ ବୋଲି ମିଲିଟାରୀ ସରକାରର ପ୍ରବକ୍ତା କହିଛନ୍ତି । ଗତ ମାର୍ଚ୍ଚ ୨୮ରେ ମ୍ୟାଁମାରରେ ୭.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଆସିଥିଲା । ଅନ୍ୟପକ୍ଷରେ ଭାରତୀୟ ନୌସେନା ଜାହାଜ ଆଇଏନ୍‌ଏସ୍ ସତପୁରା ଏବଂ ଆଇଏନ୍‌ଏସ୍ ସାବିତ୍ରୀ ପ୍ରାୟ ୪୦ ଟନ୍ ଜରୁରି ସାମଗ୍ରୀ ନେଇ ମ୍ୟାଁମାରର ୟାଙ୍ଗୁନ୍‌ରେ ପହଂଚିଛି । ଏହା ପୂର୍ବରୁ ମାର୍ଚ୍ଚ ୩୦ରେ ଆଇଏନ୍‌ଏସ୍ କର୍ମୁକ ଏବଂ ଏଲସିୟୁ ୫୨ ଶ୍ରୀବିଜୟପୁରମ୍‌ରୁ ୩୦ ଟନ୍ ରିଲିଫ୍ ସାମଗ୍ରୀ ନେଇ ଯାଇଥିଲା । ରିଲିଫ୍ କାମକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଭାରତୀୟ ନୌସେନା ଜାହାଜ ଘଡ଼ିଆଲରେ ପ୍ରାୟ ୪୪୦ ଟନ୍ ସାମଗ୍ରୀ ପଠାଯିବ । ଏଥିରେ ଚାଉଳ, ଡାଲି, ତେଲ, ଔଷଧ ଆଦି ସହ ଅନ୍ୟ ଜରୁରି ସାମଗ୍ରୀ ରହିଛି ।

ଭାରତୀୟ କୃଷି କ୍ଷେତ୍ରରେ ମହଙ୍ଗା ପଡ଼ିବ ଟ୍ରମ୍ପଙ୍କ 'ଟାରିଫ୍'

ନୂଆଦିଲ୍ଲୀ,୦୨/୦୪(ନ୍ୟୁ.ଏ):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା 'ରେସିପ୍ରୋକାଲ ଶୁଳ୍କ' ଘୋଷଣା ବିଶ୍ୱର ବିଭିନ୍ନ ଦେଶରେ ହଇଚଇ ସୃଷ୍ଟି ହୋଇଛି । ଆମେରିକା ସହିତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ସମ୍ପର୍କ ରଖିଥିବା ଭାରତ, ଏହି ଶୁଳ୍କର ସମ୍ଭାବ୍ୟ ପ୍ରଭାବକୁ ନିକଟରୁ ବିଶ୍ଳେଷଣ କରୁଛି । ଏହି ଶୁଳ୍କ ଭାରତୀୟ କୃଷି ଉତ୍ପାଦ, ଯେପରିକି ମଦ, ମାଂସ, ଚିନି ଏବଂ ଅନ୍ୟାନ୍ୟ ଉତ୍ପାଦ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇପାରେ । ଆମେରିକା ଏବେ ଭାରତର କୃଷି କ୍ଷେତ୍ରରେ ପ୍ରବେଶ କରିବାକୁ ଚେଷ୍ଟା କରୁଛି । ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନାରେ ସବୁଠାରୁ ଚ୍ୟାଲେଞ୍ଜ ପୂର୍ଣ୍ଣ ପ୍ରସଙ୍ଗ ଥିଲା ଭାରତୀୟ ବଜାରରେ ଆମେରିକୀୟ କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ । ଆମେରିକାର ମୋଟ ରପ୍ତାନିରେ କୃଷି ଉତ୍ପାଦର ଅଂଶ ୧୦% ରୁ ଅଧିକ । ବର୍ତ୍ତମାନ, ଭାରତ ପ୍ରତିବର୍ଷ ପ୍ରାୟ ୪୩,୦୦୦ କୋଟି ଟଙ୍କାର କୃଷି ଉତ୍ପାଦ ଆମେରିକାକୁ ରପ୍ତାନି କରୁଛି । ଯେତେବେଳେ ଆମେରିକା ଭାରତକୁ ମାତ୍ର ୧୩,୭୬୦ କୋଟି ଟଙ୍କାର କୃଷି ଉତ୍ପାଦ ବିକ୍ରି କରୁଛି । ଆମେରିକା ତାହାର କୃଷି ଉତ୍ପାଦ ପାଇଁ ଚାଷୀମାନଙ୍କୁ ବିପୁଳ ସବସିଡି ଦିଏ । କାରଣ ଏହା ସେଠାରେ ଆୟର ଏକ ପ୍ରମୁଖ ଉତ୍ସ । ସେହି ସମୟରେ, ଭାରତରେ ପ୍ରାୟ ୭୦ କୋଟି ଲୋକଙ୍କ ପାଇଁ କୃଷି ଜୀବିକାର ଉତ୍ସ । ଯଦି ଭାରତ ଆମଦାନୀ ଶୁଳ୍କ ହ୍ରାସ କରେ, ତେବେ ଶସ୍ତା ଆମେରିକୀୟ କୃଷି ଉତ୍ପାଦ ଭାରତୀୟ ବଜାରକୁ କବ୍ଜା କରିପାରିବ । ଯାହା ସ୍ଥାନୀୟ ଚାଷୀଙ୍କ ପାଇଁ ବଡ଼ କ୍ଷତି ଆଣିପାରେ । ଏହି ପରିସ୍ଥିତିକୁ ଏଡାଇବା ପାଇଁ, ଭାରତ ଏକ ସନ୍ତୁଳିତ ସମାଧାନ ଖୋଜିବା ବିଷୟରେ କଥା ହୋଇଛି । ଦୁଇ ଦେଶ ମଧ୍ୟରେ କୃଷି ବାଣିଜ୍ୟ କେତେ ପ୍ରତିବର୍ଷ ଦୁଇ ଦେଶ ମଧ୍ୟରେ ୧୭ ଲକ୍ଷ କୋଟି ଟଙ୍କାରୁ ଅଧିକ ବାଣିଜ୍ୟ ହୁଏ । ଯେଉଁଥିରୁ ଭାରତର ରପ୍ତାନି ୯ ଲକ୍ଷ କୋଟି ଟଙ୍କାରୁ ଅଧିକ । ଆମେରିକା ଭାରତୀୟ ରପ୍ତାନି ଉପରେ ହାରାହାରି ୨.୨% ଶୁଳ୍କ ଲାଗୁ କରୁଥିବା ବେଳେ ଭାରତ ଆମେରିକୀୟ ଉତ୍ପାଦ ଉପରେ ହାରାହାରି ୧୨% ଶୁଳ୍କ ଲାଗୁ କରୁଛି । ଏହି ଅସନ୍ତୁଳନ ଯୋଗୁଁ, ଆମେରିକା ଭାରତ ସହିତ ବାଣିଜ୍ୟରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହୁଛି । ଯାହା ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି । ଏହି ସବୁ ଜିନିଷ ଗୁଡ଼ିକ ପ୍ରଭାବିତ ହେବ ମଦ୍ୟପାନ: ଭାରତୀୟ ମଦ୍ୟପାନ, ବିଶେଷକରି ହ୍ୱିସ୍କିର ଆମେରିକାରେ ଭଲ ଚାହିଦା ଅଛି । ଅଧିକ ଶୁଳ୍କ ଏହି ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି କରିପାରେ । ଯାହା ସେମାନଙ୍କର ପ୍ରତିଯୋଗିତାମୂଳକ କ୍ଷମତାକୁ ହ୍ରାସ ହୋଇପାରେ । ମାଂସ: ଭାରତୀୟ ମାଂସ ଉତ୍ପାଦ, ବିଶେଷକରି ଛେଳି ଏବଂ ମେଣ୍ଢା ମାଂସ, ଆମେରିକାକୁ ରପ୍ତାନି କରାଯାଏ । ଶୁଳ୍କ ବୃଦ୍ଧି ଏହି ଉତ୍ପାଦ ଗୁଡ଼ିକର ଚାହିଦାକୁ ନକାରାତ୍ମକ ଭାବରେ ପ୍ରଭାବ ପକାଇପାରେ । ଚିନି: ଭାରତୀୟ ଚିନି ରପ୍ତାନିକାରୀଙ୍କ ପାଇଁ ଆମେରିକା ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ଉଚ୍ଚ ଆମଦାନୀ ଶୁଳ୍କ ଚିନି ରପ୍ତାନିକୁ ପ୍ରଭାବିତ କରିପାରେ । ସାମୁଦ୍ରିକ ଖାଦ୍ୟ: ଭାରତୀୟ ସାମୁଦ୍ରିକ ଖାଦ୍ୟ, ଯେପରିକି ଚିଙ୍ଗୁଡ଼ି ଏବଂ ମାଛ ଆମେରିକା ବଜାରରେ ଲୋକପ୍ରିୟ । ଶୁଳ୍କ ବୃଦ୍ଧି ଯୋଗୁଁ, ସେମାନଙ୍କର ଚାହିଦା ହ୍ରାସ ପାଇପାରେ । କୃଷି ଉତ୍ପାଦ: ଅନ୍ୟାନ୍ୟ କୃଷି ଉତ୍ପାଦ, ଯେପରିକି ମସଲା, ଚା ଏବଂ କଫି, ମଧ୍ୟ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das